ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.139 Bhubaneswar Friday July 15 2022 ୨୫ତମ ବର୍ଷ ସଂଖ୍ୟା–୧୩୯ ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଯେଉଁ ରାସ୍ତା ଦେଖିବାକୁ ଯାଇଥିଲେ, ସେହି ରାସ୍ତାରେ ଫସିଗଲା ବିଡିଓଙ୍କ ଗାଡି

ଜଳେଶ୍ୱର,୧୪।୭(ପି.ଏନ) : ରାସ୍ତା ଦେଖିବାକୁ ଯାଇଥିଲେ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର। ହେଲେ ସେହି ରାସ୍ତାରେ ଫସିଗଲା ବାବୁଙ୍କ ଗାଡି। ଆଉ ବାହାରି ପାରିଲା ନାହିଁ। ନାକେଦମ୍ ହେଲେ ବାବୁଙ୍କ ଡ୍ରାଇଭର। ଶେଷରେ ଗାଁ ଲୋକେ ବିଡିଓଙ୍କ ଗାଡିକୁ ଠେଲି ଠେଲି ବାହାର କଲେ। ଏପରି ଚିତ୍ର ଆସିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଞ୍ଚଳରୁ।ଜଳେଶ୍ୱର ବ୍ଲକ୍ ? ଆରଆରପୁର ପଞ୍ଚାୟତର ମାଳଗଡିଆରୁ ବାରକୋଣା ଗାଁ ପର୍ଯ୍ୟନ୍ତ ରାସ୍ତା ଦୟନୀୟ ହୋଇଛି। କାଦୁଅ ରାସ୍ତାରେ ଚାଲି ଚାଲି ଯିବା କଷ୍ଟକର। ସେହି ରାସ୍ତାରେ ଆମ୍ବୁଲାନ୍ସ କେମିତି ଯିବ ? ଯେଉଁଥିପାଇଁ ବୁଧବାର ଗୁରୁତର ଆକ୍ରାନ୍ତ ରୋଗୀଙ୍କୁ ଆମ୍ବୁଲାନ୍ସ ନେବାକୁ ଯାଇ ଅଧା ରାସ୍ତାରେ ଅଟକି ରହିଥିଲା। ଗାଁ ଲୋକମାନେ ରୋଗୀଙ୍କୁ ଖଟିଆରେ ବୋହି ନେଇଥିଲେ। ତା'ପରେ ଆମ୍ବୁଲାନ୍ସରେ ରୋଗୀଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ଗୁରୁବାର ଜଳେଶ୍ୱର ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସ୍ମୃତି ରଞ୍ଜନ ମଲ୍ଲିକ ଉକ୍ତ ଗାଁକୁ ଯାଇଥିଲେ। ହେଲେ ରାସ୍ତା ମଝିରେ ବିଡିଓଙ୍କ ଗାଡିଟି ଫସି ଯାଇଥିଲା। ଡ୍ରାଇଭର ଯେତେ ଚେଷ୍ଟା



କରିଥିଲେ ମଧ୍ୟ କାଦୁଅ ସରସର ରାସ୍ତାରୁ ଗାଡି ବାହାର କରିପାରିଲେନି। ଶେଷରେ ଗାଁ ଲୋକେ ବିଡିଓଙ୍କ ଗାଡିଟିକୁ ପେଲି ପେଲି ବାହାର କରିଥିଲେ। ଏହା ପରେ ସ୍ଥାନୀୟ ଲୋକେ ଗାଁ ରାସ୍ତାରେ ଚାଲି ଚାଲି ଯିବା ପାଇଁ ବିଡିଓ ମହାଶୟଙ୍କୁ କହିଥିଲେ। ମାତ୍ର ବିଡିଓ ଏଥିପାଇଁ ରାଜି ହୋଇନଥିଲେ। ଏହାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଡିଓଙ୍କୁ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଅଟକ ରଖିଥିଲେ। ଜଳେଶ୍ୱର ଥାନା ପୁଲିସ ଖବର ପାଇ ଗାଁରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଗାଁ ଲୋକେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ରାସ୍ତା ମରାମତି ନହେଲା ପର୍ଯ୍ୟନ୍ତ ବିଡିଓଙ୍କୁ ଛାଡିବୁ ନାହିଁ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଶେଷରେ ବିଡିଓ ଗାଁ ଲୋକଙ୍କ ଦାବି ଆଗରେ ମୁଣ୍ଡ ନୂଆଁଇଥିଲେ। ରାସ୍ତା ମରାମତି ନେଇ ଲିଖିତ ପ୍ରତିଶ୍ରୁତି ଦେଲା ପରେ ଗାଁ ଲୋକେ ବିଡିଓଙ୍କୁ ଛାଡିଥିବା ଜଣାପଡିଛି।

## ନିଖୋଜ ବିବାହିତା ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ଧର୍ମଶାଳା, ୧୪।୭(ପି.ଏନ): ନିଖୋଜ ବିବାହିତା ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି । ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ସୁନାରୀ ଗ୍ରାମର ଏକ କିଆବୁଦା ମୂଳରୁ ଆଜି ସକାଳେ ଏହି ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି । ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏନେଇ ଅଧିକ ତଦନ୍ତ ଜାରୀ ରଖିଛି ।ଦୁଇ ଦିନ ହେଲା ମହିଳା ଜଣକ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ମୃତ ମହିଳାଙ୍କ ଭାଇ ଥାନାରେ ଥାନାରେ ଏତଲା କରିଥିଲେ । ଏତଲାକୁ ଭିତି କରି ପୋଲିସ ଛାନଭିନ୍ ଜାରୀ ରଖିଥିଲା । ପ୍ରକାଶ ଥାଉକି, ବିବାହିତା ମହିଳା ଜଣକ ଗତ କିଛି ବର୍ଷ ହେଲା ବାପଘରେ ରହି ଆସୁଥିଲେ ।

## ଅଧିକାରୀଙ୍କ ପ୍ରତିଶୃତି ପାଣିରଗାର, ବିଦ୍ୟାଳୟ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

ଭଦ୍ରକ, ୧୪।୭(ପି.ଏନ): ପ୍ରଶାସନିକ ଅଧିକାରୀମାନେ ପ୍ରତିଶୃତି ଦିଅନ୍ତି କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ତାକୁ ପାଳନ କରିବାକୁ ଭୁଲିଯାଆନ୍ତି ଯଦ୍ୱାରା ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଚ୍ଚକୟାଁ ପଂଚାୟତ ଅନ୍ତର୍ଗତ ବିଶଳକଣା ପ୍ରାଥମିକ ବିଦ୍ୟାଳୟରେ । ଉକ୍ତ ବିଦ୍ୟାଳୟଟି ୧୯୬୭ ମସିହାରେ ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ନାନାଦି ସମସ୍ୟା ମଧ୍ୟ ଦେଇ ଗତି କରୁଛି । ଯଦ୍ୱାରା ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇ ପାରୁ ନାହିଁ। ସୂଚନା ଅନୁଯାୟୀ; ବର୍ଷ ୨୦୨୦ ଅକ୍ଟୋବର ମାସରେ ବିଦ୍ୟାଳୟ ସୁରକ୍ଷା ଦୃଷ୍ଟିରୁ ପଂଚାୟତିରାଜ ବିଭାଗ ତରଫରୁ ପ୍ରାଚୀର ନିର୍ମାଣ ନିମନ୍ତେ ଅର୍ଥ ମଂଜୁର ହୋଇଥିଲା ଓ ଏହାର ନିର୍ମାଣ ସମୟରେ ବିଦ୍ୟାଳୟଟିର ନିଜସ୍ୱ ଜମିକୁ ନେଇ ବିବାଦ ଦେଖା ଦେଇଥିଲା । ପରେ ବିଦ୍ୟାଳୟ ପରିଚାଳନା ସମିତି ପକ୍ଷରୁ ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେମାନଙ୍କ ଅଭିଯୋଗ ଅନୁଯାୟୀ;ବିଦ୍ୟାଳୟଟି ସ୍ଥାପିତ ହୋଇଥିବା ସ୍ଥାନକୁ ଲାଗି ଜନୈକ ବ୍ୟକ୍ତି ନିଜସ୍ୱ ପାଇଖାନା ନିର୍ମାଣ କରିଥିବାରୁ ଜାଗା ନିରୁପଣ ତଥା ପାଚେରୀ ନିର୍ମାଣରେ ବାଧା ଉପୁଜୁଥିଲା । ପରେ ଏହା ଉପରେ ବିଚାର ବିମର୍ଶ କରି ବନ୍ତ ତହସିଲଦାର ଉକ୍ତ ପାଇଖାନାକୁ ଉଚ୍ଛେଦ କରିବା ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଜାରି କରିଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ଉକ୍ତ ଜାଗାଟି ଯୁବକ ସଂଘର ହୋଇଥିବା ଦର୍ଶାଇ ବ୍ୟକ୍ତି ଜଣକ ଆଇନର ଆଶ୍ରୟ ନେଇଥିଲେ । କିନ୍ତୁ ବହୁ ବାଦାନୁବାଦ ପରେ ଉକ୍ତ ବର୍ଷ ନଭେମ୍ବର ମାସ ୬ ତାରିଖ(ଶୁକ୍ରବାର) ବନ୍ତ ତହସିଲଦାର ଇନ୍ଦିରା ସାହୁ, ବିଡ଼ିଓ ରେବେକା ବିଲୁଙ୍ଗ, ଆଗରପଡ଼ା ଥାନାଧିକାରିଣୀ ସୁକାନ୍ତି କେରେଇ, ଅଣିଜୋ ରାଜସ୍ୱ ନିରୀକ୍ଷକ ଦିପ୍ତୀରେଖା ସ୍ୱାଇଁ, ସ୍ଥାନୀୟ ସରପଂଚ ବିଷ୍ଣୁ ଚରଣ ଜେନାଙ୍କ ଉପସ୍ଥିତିରେ ପୋଲିସ ଫୋର୍ସ ସହାୟତାରେ ଜେସିବି ମାଧ୍ୟମରେ ଉକ୍ତ ପାଇଖାନା ଗୃହକୁ ଉଚ୍ଛେଦ କରାଯାଇଥିଲା । ସେହି ସମୟରେ ଆଗାମୀ ଦିନରେ ଜବରଦଖଲରେ ଥିବା ଅନ୍ୟ ଗୃହକୁ ମଧ୍ୟ ଭଙ୍ଗାଯିବାର ପ୍ରକ୍ରିୟା ଚାଲୁ ରହିବ ବୋଲି ତହସିଲଦାର ଇନ୍ଦିରା ସାହୁ ପ୍ରକାଶ କରିଥିଲେ । କିନ୍ତୁ ତାଙ୍କ ପ୍ରତିଶୃତିକୁ ଇତି ମଧ୍ୟରେ ଦେଢ ବର୍ଷରୁ ଅଧିକ ସମୟ ବିତିଯିବା ସହ ତାଙ୍କ ସ୍ଥାନରେ ନୂତନ ତହସିଲଦାର ଯୋଗ ଦେଇଥିଲେ ସୁଦ୍ଧା ସେ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ପନ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେଉଛି । ଏଥି ସହ ବିଦ୍ୟାଳୟର ନିଜସ୍ୱ ଜମି ଚିହ୍ନଟ ହୋଇପାରୁ ନଥିବାରୁ ସ୍ଥାୟୀ ପାଚେରୀ ନିର୍ମାଣ ହୋଇପାରୁ ନାହିଁ । ଯଦ୍ୱାରା ବିଦ୍ୟାଳୟର ସୁରକ୍ଷାକୁ ନେଇ ପରିଚାଳନା ସମିତି ସମେତ ଅଭିଭାବକମାନେ ଚିନ୍ତା ପ୍ରକଟ କରୁଛନ୍ତି । ପାଚେରୀ ନିର୍ମାଣ ହୋଇପାରୁ ନଥିବାରୁ ବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟରେ ବାଧା ଉପୁଜିବା ସହ ପରିସରରେ ବର୍ଷା ପାଣି ଜମିରହି ଡେଙ୍ଗୁ ହେବାର ଆଶଙ୍କା ସୃଷ୍ଟି କରୁଥିବାର ସେମାନେ ପ୍ରକାଶ କରିଛନ୍ତି । ତେଣୁ ଅଧିକାରୀ ଦେଇଥିବା ପ୍ରତିଶୃତିକୁ ବିଭାଗ ପାଳନ କରି ଖୁବ୍ ଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ସେମାନେ ଦାବି କରିଛନ୍ତି।

## ଟଙ୍କା ଲୋଭରେ ଝିଅକୁ ବିକ୍ରି ଅଭିଯୋଗ

ବଲାଙ୍ଗିର, ୧୪।୭(ପି.ଏନ): ବେଲପଡ଼ା ଥାନା ମଣ୍ଡଳ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ବାପା ନିଜ ଝିଅକୁ ଟଙ୍କା ପାଇଁ ତିରପୁର ଅଂଚଳର ୨ ଜଣ ଦଲାଲଙ୍କ ନିକଟରେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ବେଲପଡା ପୋଲିସ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ଥାନାକୁ ନେଇ ଅଧିକ ପଚରାଉଚରା କରୁଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ବେଲପଡା ଥାନା ମଣ୍ଡଳ ଗାଁର ଜଣେ ଦାଦନ ଦଲାଲ ସର୍ଦାର ନୀରନ ବାଗକୁ ବଇନା ଦେଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନେଇଥିଲା । ସେଠାରେ ନୀରନ ନିଜ ପରିବାର ସହ ୩ରୁ ୪ ବର୍ଷ ରହିଲା ପରେ କିଛିଦିନ ହେବ ଗାଁକୁ ଫେରିଥିଲେ । ସାଙ୍ଗରେ ୨ ଜଣ ଅଣଓଡିଆ ଲୋକେ ମଧ୍ୟ ଆସିଥିଲେ ।

## ଦ୍ରୌପଦୀ ମୁର୍ମୁଙ୍କ ବିଷୟରେ ଅଶାଳୀନ ମନ୍ତବ୍ୟ ମାମଲାରେ ବିଜେପି: କଂଗ୍ରେସ ପୁଣି ମୁହାଁମୁହିଁ

ଭୁବନେଶ୍ୱର, ୧୪।୭ (ପି.ଏନ):ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ବିଧାନସଭାରେ ଶୂନ୍ୟକାଳରେ ମଧ୍ୟ ହଟ୍ଟଗୋଳ ଦେଖା ଦେଇଥିଲା । ଏହି ପ୍ରସଙ୍ଗରେ ବିଜେପି ଓ କଂଗ୍ରେସ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ଉପୁନ୍ନ ହୋଇଥିଲା । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହି କାରଣରୁ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇ ପାରି ନ ଥିଲା । ୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେବା ମାତ୍ରେ ବିଜେପି ବିଧାୟକ ମାନେ ହଟ୍ଟଗୋଳ ଜାରୀ ରଖିଥିଲେ । ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ଆଜି ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହେବାକୁ ଥିବାରୁ ସମସ୍ତେ ଗୃହ କାର୍ଯ୍ୟରେ ସହଯୋଗ କରନ୍ତୁ । ଏହା ପରେ ସେ ବିଜେପି ଦଳର ମୁଖ୍ୟ ସଚେତକ ମୋହନ ମାଝୀଙ୍କୁ କହିବାକୁ ଡାକିଥିଲେ । ବିଜେପି ବିଧାୟକ ମୋହନ ମାଝୀ କହି ଥିଲେ ଯେ ଦ୍ରୌପଦୀ ମୁର୍ମୁଙ୍କ ବିଷୟରେ ଯେଭଳି ଭାବେ ଅଶାଳୀନ ଓ ଘୃଣ୍ୟ ମନ୍ତବ୍ୟ ଦିଆଯାଇଛି ତାହାକୁ ସେ ନିନ୍ଦା କରୁଛନ୍ତି । ସେ କହିଛନ୍ତି ଯେ ଦ୍ରୌପଦୀ ମୁର୍ମୁ ସବୁବେଳେ ତାଙ୍କ ଅଞ୍ଚଳର ଆଦିବାସୀ ଓ ଦଳିତଙ୍କ କଥା ଚିନ୍ତା କରିଛନ୍ତି। ଏପରିକି ଝାରଖଣ୍ଡରେ ରାଜ୍ୟପାଳ ଥିବାବେଳେ ଆଦିବାସୀଙ୍କ ସ୍ୱାର୍ଥ ବିରୋଧୀ ବିଲ ଆସିଥିଲା। ଆଦିବାସୀଙ୍କ ଜମିକୁ ଅଣ ଆଦିବାସୀ କିଣି ପାରିବେ ବୋଲି ବିଲରେ ଦର୍ଶାଯାଇଥିଲା। କିନ୍ତୁ ସେ ସେହି ବିଲ ଫେରାଇ ଦେଇଥିଲେ। ଦେଶର ପ୍ରଥମ ନାଗରିକ ହେଉଛନ୍ତି ରାଷ୍ଟ୍ରପତି। ତାଙ୍କ ଉପରେ ଏପରି ମନ୍ତବ୍ୟ ନିନ୍ଦନୀୟ ଓ ଅଶୋଭନୀୟ। ଦ୍ରୌପଦୀ ମୁର୍ମୁ ଓଡ଼ିଶାର, ତାଙ୍କୁ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ କରିଛି। ତେଣୁ ଦ୍ରୌପଦୀଙ୍କ ବାବଦରେ ଦେଇଥିବା ମନ୍ତବ୍ୟ ପାଇଁ ଅଜୟ କୁମାରଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଣିବାକୁ ସେ ଦାବି କରିଛନ୍ତି । ଅନ୍ୟ ପକ୍ଷରେ କଂଗ୍ରେସ ନେତା ନରସିଂହ ମିଶ୍ର କହିଥିଲେ ଅଜୟ କୁମାର ଓ ରାହୁଲ ଗାନ୍ଧୀ ଗୃହର ସଦସ୍ୟ ନୁହଁନ୍ତି । ତାଙ୍କ ବିରୋଧରେ ଆଲୋଚନା କରିବା ଠିକ ନୁହେଁ । ସେ କହିଛନ୍ତି ଦ୍ରୌପଦୀ ହେଉଛନ୍ତି ଆଦିବାସୀ ମହିଳା। ତାଙ୍କୁ ଆମେ ବହୁତ ଭଲ ପାଉ। ମୁଁ ବ୍ୟକ୍ତିଗତ ଭାବେ ତାଙ୍କୁ ପ୍ରଶଂସା କରିଛି। କିନ୍ତୁ ସେ ଯେଉଁ ଚିନ୍ତାଧାରାରେ ଯାଉଛନ୍ତି, ତାକୁ ଆମେ ବିରୋଧ କରୁଛୁ। କଂଗ୍ରେସ ପ୍ରବକ୍ତା ଅଜୟ କୁମାର ଯାହା କହିଛନ୍ତି ସେଥିରେ କୌଣସି ଆପତ୍ତିଜନକ ମନ୍ତବ୍ୟ ନାହିଁ। ଏହା ଭିତରେ ବିଜେପି ବିଧାୟକ ମାନେ ହଟ୍ଟଗୋଳ ଜାରୀ ରଖିଥିଲେ । ତେଣୁ ବାଚସ୍ପତି ଗୃହକୁ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ : ବିଜେପି

ଭୁବନେଶ୍ୱର , ୧୪।୭(ପି.ଏନ): ରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କରେ କଂଗ୍ରେସ ନେତା ଅଜୟ କୁମାରଙ୍କ ଘୃଣ୍ୟ ମନ୍ତବ୍ୟକୁ ବିରୋଧ କରି ବିଜେପି ତରଫରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ବାବୁ ସିଂ ଙ୍କ ନେତୃତ୍ୱରେ ରାଜ୍ୟ ବିଜେପି କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ରାମମନ୍ଦିର ସମ୍ମୁଖରେ ପହଂଚି ବିରୋଧ ପ୍ରଦର୍ଶନ କରିଥିଲେ। କଂଗ୍ରେସ ମୁଖପାତ୍ର ଅଜୟ କୁମାର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଉପରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ବିଜେପି ତାକୁ ନିନ୍ଦା କରୁଛି। ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ବିଜେପି ଦାବି କରିଛି। ଦେଶ ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘ ୬୦ ବର୍ଷ ଧରି ଶାସନ କ୍ଷମତାରେ ଥିବା କଂଗ୍ରେସ ଦଳର ଅସଲ ମୁଖା ଖୋଲିଯାଇଛି । ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଅଜୟ କୁମାରଙ୍କ ମନ୍ତବ୍ୟ ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ । କଂଗ୍ରେସ ଦଳ ସବୁବେଳେ ଆଦିବାସୀ ଓ ଦଳିତଙ୍କୁ ଭୋଟ୍ ବ୍ୟାଂକ ଭାବେ ବ୍ୟବହାର କରିଆସିଛି, କିନ୍ତୁ କେବେହେଲେ ତାଙ୍କ ବିକାଶ ପାଇଁ କାର୍ଯ୍ୟ କରିନାହିଁ। ଆଜି ଯେତେବେଳେ ଜଣେ ଓଡିଆ ଆଦିବାସୀ ଝିଅ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସମ୍ବିଧାନର ସର୍ବୋଚ୍ଚ ପଦ ରାଷ୍ଟ୍ରପତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନୋନୀତ କରିଛନ୍ତି, ଏହାକୁ କଂଗ୍ରେସ ଦଳ ଆଦୌ ସହ୍ୟ କରିପାରୁନାହିଁ । ଆଦିବାସୀ ଓ ମହିଳା ବିରୋଧୀ ଘୃଣ୍ୟ ମନ୍ତବ୍ୟ ଦେଇଛି କଂଗ୍ରେସ। ଏଭଳି ଘୃଣ୍ୟ ମନ୍ତବ୍ୟ ପାଇଁ କଂଗ୍ରେସ ଦଳ କ୍ଷମା ପ୍ରାର୍ଥନା କରିବା ନିହାତି ଆବଶ୍ୟକ । ନଚେତ ଆଗାମୀ ଦିନରେ ବିଜେପି ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ।ରାହୁଲ ଗାନ୍ଧୀଙ୍କ ଇଙ୍ଗିତରେ କଂଗ୍ରେସ ଯେଉଁ ହୀନ ମନ୍ତବ୍ୟ ଦେଇଛି ସେନେଇ ରାହୁଲ ଗାନ୍ଧୀ ଯଥାଶୀଘ୍ର କ୍ଷମାପ୍ରାର୍ଥୀନା କରନ୍ତୁ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଦିଲ୍ଲୀପ ମହାନ୍ତି କହିଛନ୍ତି।

## ଶୁକ୍ରବାରଠୁ ୧୮ ରୁ ୫୯ ବର୍ଗର ଲୋକଙ୍କୁ ମାଗଣା ଟିକାକରଣ : ବିଜୟ ପାଣିଗ୍ରାହୀ

ଭୁବନେଶ୍ୱର ୧୪।୭(ପି.ଏନ): ଶୁକ୍ରବାର ଠାରୁ ୧୮ ରୁ ୫୯ ବର୍ଗର ଲୋକଙ୍କୁ ମାଗଣା ପ୍ରିକସନାରୀ ଡୋଜର ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ବର୍ଗରେ ୨ କୋଟି ୬୫ ଲକ୍ଷ ୮୫ ହାଜର ହିତାଧିକାରୀ ଅଛନ୍ତି। ସେଥିମଧ୍ୟରୁ ମାତ୍ର ୧ ଲକ୍ଷ ୫୦ ହାଜର ହିତାଧିକାରୀ ପ୍ରିକସନରୀ ଡୋଜ ନେଇଛନ୍ତି। ଅର୍ଥାତ ୯୯% ଆହୁରି ଟିକା ନେଇନାହାନ୍ତି। ଏହି ଟୀକାକରଣ ପାଇଁ ଉଭୟ ବ୍ୟବସ୍ଥା କରାଯାଇଛି। ଅନଲାଇନ ଓ ଅଫଲାଇନ ମାଧ୍ୟମରେ ଟୀକାକରଣ ବ୍ୟବସ୍ଥା କରାଯାଇଛି ।ସେ କହିଛନ୍ତି ଯେ ୧୨ରୁ ୧୪ ବର୍ଷ ମଧ୍ୟରେ ୯୮ ପ୍ରଥମ ଡୋଜ ନେଇଥିବା ବେଳେ ୨ୟ ଡୋଜ୍ ୭୨ ପ୍ରତିଶତ ନେଇସାରିଛନ୍ତି । ସେହିପରି ୧୫ରୁ ୧୭ ବର୍ଷ ମଧ୍ୟରେ ପ୍ରଥମ ଡୋଜ ୯୨ ପ୍ରତିଶତ ନେଇଥିବା ବେଳେ ୮୨ ପ୍ରତିଶତ ୨ୟ ଡୋଜ୍ ନେଇସାରିଛନ୍ତି । ଆଉ ୧୮ ବର୍ଷରୁ ଅଧିକ ଲୋକଙ୍କୁ ୯୬ ପ୍ରତିଶତ ପ୍ରଥମ ଡୋଜ୍ ନେଇଥିବା ବେଳେ ୨ ୟ ଡୋଜ୍ ୯୦ ପ୍ରତିଶତ ଲୋକଙ୍କୁ ଦିଆସାରିଛି । ସେ କହିଛନ୍ତି ଯେ, ବର୍ତ୍ତମାନ ପ୍ରିକସନ ଡୋଜ୍ ଉପରେ ଅଧିକ ଗୁରୁ ଦିଆଯାଉଛି। କରୋନା ଯୋଦ୍ଧା, ସମ୍ମୁଖ ଧାଡିର ଯୋଦ୍ଧା, ସ୍ୱାସ୍ଥ୍ୟ କର୍ମୀ ଓ ୬୦ ବର୍ଷର ଅଧିକ ଲୋକମାନଙ୍କୁ ୨୮ ପ୍ରତିଶତ ଟୀକାକରଣ କରାଯାଇଛି। ଶୁକ୍ରବାରଠୁ ୧୮ ରୁ ୫୯ ବର୍ଷର ନାଗରିକ ମାନଙ୍କର ପ୍ରିକସନ ଡୋଜ ମାଗଣାରେ ଦିଆଯିବ। ଏହା ୭୫ ଦିନ ପର୍ଯ୍ୟନ୍ତ ମାଗଣାରେ ଟୀକାକରଣ ଚାଲିବ। ରାଜ୍ୟରେ ପାଖାପାଖି ୩୦୦୦ଟି ସରକାରୀ ଟୀକାକରଣ କେନ୍ଦ୍ର ରହିଛି। ସେଠି ମାଗଣାରେ ଟୀକାକରଣ ହେବ। ପର୍ଯ୍ୟାପ୍ତ ପରିମାଣରେ ସ୍ୱାସ୍ଥ୍ୟ କର୍ମୀ ଅଛନ୍ତି। ଯଦି ମାଗଣାରେ ଏଭଳି ଟୀକାକରଣ ଦିଆଯିବ। ତେବେ ରାଜ୍ୟରେ ସେତିକି ପରିମାଣରେ ଟିକା ନାହିଁ । ଆହୁରି ଟିକାର ଆବଶ୍ୟକ ପଡ଼ିବ।

## ବିଜେଡି ବିଧାୟକଙ୍କ ସେକ୍ସ ରାକେଟ୍ ଲିଙ୍କ: ଚର୍ଚ୍ଚାରେ ଜଗତ୍‌ସିଂହପୁର ଏସ୍‌ପିଙ୍କ ଭୂମିକା

ଭୁବନେଶ୍ୱର,୧୪।୭(ପି.ଏନ) : ତିର୍ତ୍ତୋଲ ବିଜେଡି ବିଧାୟକ ବିଜୟ ଶଙ୍କର ଦାସ ସେକ୍ସ ରାକେଟ ଓ ବେଶ୍ୟାଳୟ ପରିଚାଳନା କରୁଥିବା ନେଇ ତାଙ୍କ ପ୍ରେମିକା କରିଥିବା ଅଭିଯୋଗର କ୍ରାଇମବ୍ରାଂଚ୍ ତଦନ୍ତ ପାଇଁ ଜଗତସିଂହପୁର ଜିଲ୍ଲା ଏସପି ଅଖିଳେଶ୍ୱର ସିଂଙ୍କ ଭୂମିକାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ବିଧାନସଭା ଅଧିବେଶନ ଚାଲୁଥିବା ସମୟରେ ଶାସକ ଦଳର ଜଣେ ଯୁବ ବିଧାୟକଙ୍କ ବିରୁଦ୍ଧରେ ଏଭଳି ସଙ୍ଗୀନ ଅଭିଯୋଗ ଆଣିଥିବା ତାଙ୍କ ପ୍ରେମିକା ଓ ବିଧାୟକଙ୍କ ବୟାନକୁ ରେକର୍ଡ ନକରି, ଅଭିଯୋଗର ପ୍ରାରମ୍ଭିକ ତଦନ୍ତ ନକରି ଜଣେ ବରିଷ୍ଠ ଆଇପିଏସ୍ ଅଫିସର(ଜିଲ୍ଲା ଏସପି) ଶ୍ରୀ ସିଂ କେଉଁ ଆଧାରରେ କ୍ରାଇମବ୍ରାଂଚ୍‌କୁ ତଦନ୍ତ ନିମନ୍ତେ ଲିଖିତ ଭାବେ ଅନୁରୋଧ କରିଛନ୍ତି ଓ କାହା ଚାପରେ ଏଭଳି ଅପରିପକ୍ୱ ନିଷ୍ପତ୍ତି ନେଇଛନ୍ତି ତାକୁ ନେଇ ପାୱାର କରିଡରରେ ନାନାଦି ଚର୍ଚ୍ଚା ଆରମ୍ଭ ହୋଇଛି ।ମିଳିଥିବା ସୂଚନା ଅନୁସାରେ, ତିର୍ତ୍ତୋଲ ବିଜେଡି ବିଧାୟକ ବିଜୟ ଶଙ୍କର ଦାସ(ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପୁଅ)ଙ୍କ ବିରୁଦ୍ଧରେ ତାଙ୍କ ପ୍ରେମିକା ସୋମାଲିକା ଦାଶ ଗତ ଜୁନ୍ ୧୮ତାରିଖରେ ଜଗତସିଂହପୁର ଥାନାରେ ଏକ ଏଫଆଇଆର ରୁଜୁ କରିଥିଲେ, ଯେଉଁଥିରେ ସେ ବିଧାୟକଙ୍କ ବିରୁଦ୍ଧରେ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଓହରି ଯାଇଥିବା, ଏକାଧିକ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା, ସେକ୍ସ ରାକେଟ୍ ଓ ବେଶ୍ୟାଳୟ ଚଳାଉଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଥିଲେ । ଆଉ ଏହି ଏଫଆଇଆର ଉପରେ ଜିଲ୍ଲା ପୁଲିସ ଏପର୍ଯ୍ୟନ୍ତ ସାମାନ୍ୟତମ ପ୍ରାରମ୍ଭିକ ଯାଂଚ୍ କରିନଥିବାବେଳେ ଜିଲ୍ଲା ପୁଲିସ ଏସପି ଶ୍ରୀ ସିଂ ଜୁଲାଇ ୪ତାରିଖରେ କ୍ରାଇମବ୍ରାଂଚ୍ ଏଡିଜିଙ୍କୁ ଚିଠି ଲେଖି ବିଧାୟକଙ୍କ ଦ୍ୱାରା ସେକ୍ସ ରାକେଟ୍ ଓ ବେଶ୍ୟାଳୟ ପରିଚାଳନା କରାଯାଉଥିବା ଅଭିଯୋଗ(କେବଳ ତାଙ୍କ ପ୍ରେମିକା କରିଥିବା)ର କ୍ରାଇମବ୍ରାଂଚ୍ ତଦନ୍ତ ପାଇଁ ସୁପାରିଶ କରିବା ତଥ୍ୟାଭିଜ୍ଞ ମହଲକୁ ଆଶ୍ଚର୍ଯ୍ୟ କରିଛି । ଏହି ଚିଠି କ୍ରାଇମବ୍ରାଂଚ୍ ଅଫିସକୁ ଜୁଲାଇ ୭ତାରିଖରେ ମିଳିଥିବାବେଳେ ଗତକାଲି ଜୁଲାଇ ୧୩ତାରିଖରେ ଏହା ଗଣମାଧ୍ୟମକୁ ଆସିଛି । ଆଉ ଆଶ୍ଚର୍ଯ୍ୟର କଥା ସେହି ୧୩ତାରିଖ(ଗତକାଲି) ହିଁ ଜଗତସିଂହପୁର ଥାନା ପୁଲିସ ପ୍ରେମିକା ସୋମାଲିକାଙ୍କୁ ସିଆରପିସି ଧାରା ୧୬୧ରେ ବୟାନ ରେକର୍ଡ କରିବାକୁ ନୋଟିସ ପଠାଇଛି ।ତେବେ ଏଠାରେ ପ୍ରଶ୍ନ ଉଠୁଛି, ଜଣେ ବରିଷ୍ଠ ଆଇପିଏସ୍ ଅଫିସର ତଥା ଜିଲ୍ଲା ଏସପି କୌଣସି ଘଟଣାର କ୍ରାଇମବ୍ରାଂଚ୍ ତଦନ୍ତି ନିମନ୍ତେ ସୁପାରିଶ କରିବା ପୂର୍ବରୁ ସେହି ମାମଲାକୁ ନେଇ ସାମାନ୍ୟତମ





ଖୋଳତାଡ କରିଛନ୍ତି କି ? ବିଧାୟିକାଙ୍କ ପ୍ରେମିକା ସୋମାଲିକା ଦାଶଙ୍କ ଯେଉଁ ଅଭିଯୋଗ ଆଧାରରେ ଜିଲ୍ଲା ଏସପି ଏହି ତଦନ୍ତ ପାଇଁ ସୁପାରିଶ କରିଛନ୍ତି ତା'ର ସତ୍ୟାସତ୍ୟ କେତେ ତାହା ସେ ଜାଣନ୍ତି କି ? ବିଧାୟିକାଙ୍କ ପ୍ରେମିକା ସୋମାଲିକାଙ୍କ ଏଫଆଇଆରକୁ ଜଗତସିଂହପୁର ଥାନା ଗତ ଜୁନ୍ ୧୮ତାରିଖରୁ ପଞ୍ଜିକୃତ କରିଥିବାବେଳେ ଏପର୍ଯ୍ୟନ୍ତ କାହିଁକି ତାଙ୍କୁ କିମ୍ବା ବିଧାୟକଙ୍କୁ ବ୍ୟକ୍ତିଗତ ଭାବେ ଡାକି ପଚରାଉଚୁରା କରିନି ଅବା ସୋମାଲିକାଙ୍କଠୁ ସେ ଆଣିଥିବା ଅଭିଯୋଗର ଦସ୍ତାବିଜ ସଂଗ୍ରହ କରିନି ? ସମ୍ପୃକ୍ତ ଯୁବତୀ ଯେଉଁସବୁ ଅଭିଯୋଗ ଆଣିଛନ୍ତି ତା'ର ସତ୍ୟାସତ୍ୟ କ'ଣ ସେ ନେଇ ଜିଲ୍ଲା ପୁଲିସ ଏସପିଙ୍କ ପାଖରେ କ'ଣ ପ୍ରମାଣ ରହିଛି ? ଜଣେ ଯୁବ ବିଧାୟକଙ୍କ ବିରୁଦ୍ଧରେ ଏଭଳି ସଙ୍ଗୀନ ଅଭିଯୋଗ ଥିବାବେଳେ ତା'ର ପ୍ରାରମ୍ଭିକ ଯାଂଚ୍ ଅବା ଅଭିଯୋଗକାରିଣୀଙ୍କ ବୟାନକୁ ରେକର୍ଡ କରିବାକୁ କାହିଁକି ଜିଲ୍ଲା ପୁଲିସ ଗୁରୁତ୍ୱ ଦେଲାନି ?ଆଗାମୀ ଦିନରେ ଯଦି ଅନ୍ୟ କୌଣସି ବରିଷ୍ଠ ଅଫିସର କିମ୍ବା ନେତାଙ୍କ ବିରୁଦ୍ଧରେ କେହି ଉଦ୍ଦେଶ୍ୟପ୍ରଣୋଦିତ ହୋଇ ଏଭଳି ଅଭିଯୋଗ ଆଣନ୍ତି ତା'ର ପ୍ରାରମ୍ଭିକ ଯାଂଚ୍ ନକରି ଏସପି ଶ୍ରୀ ସିଂ କ'ଣ କ୍ରାଇମବ୍ରାଂଚ୍ ତଦନ୍ତ ପାଇଁ ସୁପାରିଶ କରିବେ କି ? ମାଲକାନଗିରିର ଚିତ୍ରକୋଣ୍ଡାରେ ଆଦିବାସୀ ମହିଳାଙ୍କୁ ପୁଲିସ ମାଡ ମାରିବା ଘଟଣାକୁ ନେଇ ବିଧାନସଭାରେ ଅଚଳାବସ୍ଥା ଲାଗି ରହିବା ପରେ ହିଁ ସରକାର ସେ ଘଟଣାର କ୍ରାଇମବ୍ରାଂଚ୍ ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ଜଗତସିଂହପୁର ପୁଲିସ ନିଜ ଆଡୁ ସାମାନ୍ୟ ତଦନ୍ତ ନକରି ଅଚାନକ କ୍ରାଇମବ୍ରାଂଚ୍‌କୁ ଚିଠି ଲେଖି ଅନୁରୋଧ କରିବା ପଛରେ କି ରହସ୍ୟ ରହିଛି ତାହା ବୁଝାପଡୁନି । ଅବଶ୍ୟ ବିଧାୟକଙ୍କ ବିରୁଦ୍ଧରେ ତାଙ୍କ ପ୍ରେମିକା ଆଣିଥିବା ସେକ୍ସ ରାକେଟ୍ ପରିଚାଳନା ଅଭିଯୋଗର କିଛି ସତ୍ୟାସତ୍ୟ ଥାଇପାରେ, ମାତ୍ର ପୁଲିସ ଏସପି ବିନା ତଦନ୍ତରେ କିଭଳି କୌଣସି ନିଷ୍କର୍ଷରେ ଉପନୀତ ହେଲେ ଓ ବିନା ତଥ୍ୟପ୍ରମାଣରେ ତଦନ୍ତ ପାଇଁ କ୍ରାଇମବ୍ରାଂଚ୍‌କୁ ଅନୁରୋଧ କଲେ ତାହା ଏବେବି ଅସ୍ପଷ୍ଟ ।ତେବେ ବିଧାୟିକାଙ୍କ ପ୍ରେମିକା ସୋମାଲିକାଙ୍କ ଜୁନ୍ ୧୮ତାରିଖ ଅଭିଯୋଗ ଆଧାରରେ ଜିଲ୍ଲା ଏସପି ଶ୍ରୀ ସିଂ ଜୁଲାଇ ୪ତାରିଖରେ କ୍ରାଇମବ୍ରାଂଚ୍‌କୁ ତଦନ୍ତ ନିମନ୍ତେ ଲେଖିଥିବାବେଳେ ଜଗତସିଂହପୁର ଥାନା ଅଧିକାରୀ ଜୁଲାଇ ୧୩ତାରିଖ(ଗତକାଲି) ସୋମାଲିକାଙ୍କୁ ଚିଠି କରି ସିଆରପିସି ଧାରା–୧୬୧ରେ ବୟାନ ରେକର୍ଡ କରିବାକୁ ନୋଟିସ୍ ପଠାଇଛନ୍ତି । ଯଦି ଜଗତସିଂହପୁର ପୁଲିସ ଏପର୍ଯ୍ୟନ୍ତ ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ କରିନାହାନ୍ତି ଓ ସେ ଆଣିଥିବା ଅଭିଯୋଗର ସତ୍ୟାସତ୍ୟ ଯାଂଚ୍ କରିନାହାନ୍ତି ତା'ହେଲେ ଜିଲ୍ଲା ଏସପି ଶ୍ରୀ ସିଂ କେଉଁ ଆଧାରରେ କ୍ରାଇମବ୍ରାଂଚ୍‌କୁ ଚିଠି ଲେଖି ତଦନ୍ତ ଦାୟିତ୍ୱ ନେବାକୁ ଅନୁରୋଧ କଲେ ? ଏହି ହାଇପ୍ରୋଫାଇଲ କେସକୁ ଜିଲ୍ଲା ଏସପି କାହିଁକି ଏତେ ବେପରୁଆ ଭାବେ ବିନା ପ୍ରାରମ୍ଭିକ ଯାଂଚ୍‌ରେ ଆଗେଇ ନେବାକୁ ଚାହୁଁଛନ୍ତି ଓ କାହା ଚାପରେ ଏସପି ଏପରି ଚିଠି ଲେଖିଲେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ?

## ଉତ୍ତର ଓଡିଶାରେ ବଢ଼ିବ ବର୍ଷା

ଭୁବନେଶ୍ୱର , ୧୪।୭(ପି.ଏନ): ଉତର ଓଡିଶା ମୁହାଁ ହୋଇଛି ଲଘୁଚାପ। ଗତକାଲି ଦକ୍ଷିଣ-ଉପକୂଳ ଓଡିଶା ଅଂଚଳରେ ସକ୍ରିୟ ଲଘୁଚାପ, ଆଜି ଉତର ଓଡିଶା ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଜିଠାରୁ ଉତର ଓଡ଼ିଶାରେ ବର୍ଷାର ପରିମାଣ ବୃଦ୍ଧି ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ୮ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ୧୭ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର କଟକ, ଢେ଼ଙ୍କାନାଳ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼, ସମ୍ବଲପୁର ଓ ନୂଆପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୮ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ବୌଦ୍ଧ, ଅନୁଗୁଳ, ଦେବଗଡ, ସୁନ୍ଦରଗଡ, ଝାରସୁଗୁଡା, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନାଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୧୫ରୁ ୧୬ ତାରିଖ ମଧ୍ୟରେ ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୁରଭଂଜ, ଯାଜପୁର , ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷ । ପାଇଁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଅନୁଗୁଳ , ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡା, ବରଗଡ, ସୋନପୁର ଓ ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ୍ତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତ୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତ୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତ୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡ଼ିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡ଼ିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

# ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡ଼ି ଚଢ଼ିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପରିବାରବାଦର ଏକ ନଗ୍ନ ଉଦାହରଣ





ପରିବାରବାଦର ଏକ ନଗ୍ନ ଉଦାହରଣ ହେଲା ଆଜିର ଶ୍ରୀଲଙ୍କା। ଶ୍ରୀଲଙ୍କାରେ ଆଉ ଶ୍ରୀ ନାହାନ୍ତି। କୋଭିଡ୍ -୧୯ ପରେପରେ ଶ୍ରୀ ଅର୍ଥାତ୍ ମାଆଲକ୍ଷ୍ମୀ ତାଙ୍କର ମନ ବଦଳେଇ ଶ୍ରୀଲଙ୍କାରୁ ଅପସରି ଯିବାକଥା ପକ୍କା କରିଦେଇ ସାରିଥିଲେ ଯାହାକି ବିଶ୍ୱବାସୀଙ୍କୁ ଏବେ ଜଣାପଡିଲା। ପୁରାଣରେ ଥରେ ହନୁମାନଙ୍କ ଦ୍ୱାରା ଲଙ୍କାଦହନ ହୋଇଥିଲା ଏବଂ ଏବେ ବିରୋଧୀମାନେ ସେମିତି କିଛି ଅନୁରୂପ ଲଙ୍କାକାଣ୍ଡ ଭିଆଇ ରାଷ୍ଟ୍ରପତିଙ୍କ ନିବାସରେ ନିଆଁଲଗାଇ ଦେଇଛନ୍ତି। ରାଷ୍ଟ୍ରପତି କେଉଁଠି ଲୁଚିଛନ୍ତି ଜଣାନାହିଁ। ପୁନଶ୍ଚ ଶ୍ରୀଲଙ୍କା ଶ୍ରୀହୀନ ହୋଇ ହତଶ୍ରୀ ଲଙ୍କାରେ ପରିଣତ ହୋଇଛି। ପ୍ରତ୍ୟେକ ଘଟଣାରୁ ସମସ୍ତଙ୍କୁ କିଛି ନା କିଛି ଶିଖିବାର ଅଛି। ଆମ ଭାରତର ଅର୍ଦ୍ଧାଧିକ ରାଜ୍ୟ ଶ୍ରୀଲଙ୍କା ଦେଶଠାରୁ ବହୁଗୁଣରେ ବଡ। ତେବେ ପ୍ରଥମେ ଦେଖିବା ଶ୍ରୀଲଙ୍କାର ଆଜିକାର ଦୁର୍ଦ୍ଦଶା ଶ୍ରୀଲଙ୍କାର ଏକ ବୁଝାମଣା ହୋଇଥିଲା, ଯାହାକି ରାଜପକ୍ଷେ ଆସିଲାପରେ ରଦ୍ଦକରି ଚୀନ ସହ ଏବେ ନୂଆ ବୁଝାମଣା କଲେ। ଚୀନ ଦରିୟାଦିଲ୍ ଦେଖେଇ ଏବେ ଶ୍ରୀଲଙ୍କାକୁ ଏତେ କରଜ ବୋଝରେ ବୁଡେଇଦେଲାଣି ଯେ ସେ ଆଉ ସେଥିରୁ ମୁକ୍ତ ହେବା ସମ୍ଭବ ନୁହେଁ। ଶେଷରେ ବାଧ୍ୟ ହୋଇ ପୁରା ଶ୍ରୀଲଙ୍କା ମାଟିକୁ ବିସ୍ତାରବାଦୀ ଚୀନ୍ ହାତରେ ଟେକିଦେବା ଛଡା ଅନ୍ୟ କିଛି ଉପାୟ ନାହିଁ। ଶ୍ରୀଲଙ୍କା ପରେପରେ ପାକିସ୍ଥାନର ବି ଅନୁରୂପ ଅବସ୍ଥା ହେବାଟା ନିଶ୍ଚିତ। ପାକିସ୍ଥାନର ବିଷୟ ଆଉ ଦିନେ, ଏବେ ଶ୍ରୀଲଙ୍କାର ଏହି ଦୁରାବସ୍ଥା ପାଇଁ ଦାୟୀ କିଏ ?

ଦାୟୀ ରାଜପକ୍ଷେ ପରିବାର ଓ ଶ୍ରୀଲଙ୍କା ଲୋକମାନଙ୍କର ଗ୍ରହଣୀୟ ପରିବାରବାଦ ସରକାର। ଏଲ୍‌ଟିଟିଇ ଦମନବେଳେ ପ୍ରତିରକ୍ଷା ଅଧିକାରୀ ଥାଇ



କ'ଣ ! ତା'ପରେ ଚିନ୍ତା କରିବା କେମିତି ଏମିତି ହେଲା ? ଏବଂ ସର୍ବୋପରି ଏଥିପାଇଁ ଦାୟୀ କିଏ ?

ଶ୍ରୀଲଙ୍କାର ଦୁର୍ଦ୍ଦଶା ବିଷୟରେ ଅତି ସମ୍ୟକ୍‌ଭାବରେ ବର୍ଣ୍ଣନା କଲେ କହିହେବ ଯେ ଦେଶରେ ସାଧାରଣ ଜିନିଷର ଦରଦାମ ଆକାଶଛୁଆଁ। ୧୯୪୮ ମସିହାରେ ସ୍ୱାଧୀନତା ମିଳିବାପରେ ଏପରି ଅବସ୍ଥା ସାଧାରଣ ଲୋକ ମାନଙ୍କର କେବେ ବି ହୋଇ ନ ଥିଲା। ଏକ ଆକଳନ ଅନୁସାରେ ପ୍ରାୟ ୫୦ଲକ୍ଷ (୨୩% ଲୋକ) ତିନିଓଳି ପେଟପୁରା ଭୋଜନରୁ ଏବେ ବଂଚିତ ରହୁଛନ୍ତି ଏବଂ ଏଥିପାଇଁ ମାନବିକତା ଆଧାରରେ ସେମାନଙ୍କୁ ସାହାଯ୍ୟ କରିବାପାଇଁ ବିଶ୍ୱ ଖାଦ୍ୟ ସୁରକ୍ଷା ସଂସ୍ଥାମାନେ ଶ୍ରୀଲଙ୍କା ତରଫରୁ ବିଶ୍ୱବାସୀଙ୍କୁ ଅନୁରୋଧ କରୁଛନ୍ତି। ଲୋକମାନେ ଅଧାପେଟ ଖାଦ୍ୟ ଖାଇଖାଇ ଅପପୁଷ୍ଟିର ଶିକାର ହେବାକୁ ବସିଲେଣି ଏବଂ ଶ୍ରମିକମାନଙ୍କର ଶ୍ରମର ମାନ ଧୀରେଧୀରେ କମିବାରୁ କୃଷିଜାତୀୟ ଦ୍ରବ୍ୟର ଉତ୍ପାଦନ ହ୍ରାସ ଘଟି ରପ୍ତାନି ଠପ୍ ହେବାକୁ ବସିଲାଣି।



କରୋନା ମହାମାରୀ ସମୟରେ ତାଲାବନ୍ଦୀ କାରଣରୁ ୪୦ଲକ୍ଷ ଲୋକ ଗରିବର ସୀମାରେଖା ତଳକୁ ଖସି ଆସିଥିଲେ ଏବଂ ତା'ପରେ ରାଜନୈତିକ ସ୍ତରରେ ଦୁର୍ନୀତି ଏବଂ ରାଜକୋଷ ଭଣ୍ଡାରର ଦୁରୁପଯୋଗ ସହ ଅଧା ସ୍ୱର୍ଣ୍ଣଭଣ୍ଡାର ବିକ୍ରୟକରି ସୁଧଦେବା ଆଦି ଘଟଣା ଲୋକମାନଙ୍କୁ ବ୍ୟତିବ୍ୟସ୍ତ କରି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ କରିଛି। ବିଶ୍ୱ ଆକଳନ ସଂସ୍ଥା କିଛି ଏବେ ଶ୍ରୀଲଙ୍କାମୁହାଁ ହୋଇ ସେଠାକାର ତାଜା ଚିତ୍ର ଦେବାରେ ତତ୍ପରତା ଦେଖାଉଛନ୍ତି। ତାଙ୍କର ଆକଳନକୁ ସତ ମାନିଲେ ୮୬% ଲୋକ ଏବେ ଶସ୍ତାଦ୍ରବ୍ୟ କିଣୁଛନ୍ତି ଏବଂ ପୁଷ୍ଟିକର ଖାଦ୍ୟକୁ କ୍ରୟକରି ଖାଇବାକୁ ସମର୍ଥ ନୁହନ୍ତି। ଅର୍ଦ୍ଧାଧିକ ସଂଖ୍ୟାରେ ମହିଳା ଏବଂ ଶିଶୁମାନେ ଅପପୁଷ୍ଟିର ଶିକାର ହୋଇସାରିଲେଣି। ୧୭% ବାଳକବାଳିକାଙ୍କର ଉଚ୍ଚତାରେ କମି ପରିଲକ୍ଷିତ ହେଉଥିବା ବେଳେ ୧୫% ଯୁବକ ଯୁବତୀ ନିଜର ଉଚ୍ଚତା ଅନୁସାରେ ସୁସ୍ଥ ନଥାଇ ପତଳା ଅଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବେ ବିଦ୍ୟାଳୟ ପରିସରଗୁଡିକରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କର ଯତ୍ନନେବା ଆରମ୍ଭ କରିଛନ୍ତି, ହେଲେ ସେମିତି କିଛି ଆଖିଦୃଷ୍ଟିଆ ସଫଳତା ହାସଲ ହୋଇପାରିନାହିଁ।

ତେବେ ମୋଟାମୋଟି କହିବାକୁ ଗଲେ ଶ୍ରୀଲଙ୍କା ଅବସ୍ଥା ଆଦୌ ଭଲନାହିଁ। ଚାରିଆଡେ ହା'ଅନ୍ନ ହା'ଅନ୍ନ ବୋଲି ଚିତ୍କାର ଶୁଭୁଛି। ବହୁତ ଜଲଦି ରାଷ୍ଟ୍ରପତି ନିର୍ବାଚନ ହୋଇପାରେ। ଏଥିପାଇଁ କିଛିଲୋକ କୁହନ୍ତି ଯେ ଶ୍ରୀଲଙ୍କାର ବଳ ହେଲା ସମୁଦ୍ରତଟ ଏବଂ ବନ୍ଦର। କିଛିବର୍ଷ ପୂର୍ବେ ୨୦୧୯ରେ ଭାରତ ଓ ଜାପାନ ସହ ଶ୍ରୀଲଙ୍କାର ଜନମାନସରେ ଭଗବାନ ରୂପରେ ବସିଯିବା ପରେ ସେହି ଗୋଟିଏ ପରିବାର ଭିତରୁ ଜଣେ ହେଲେ ରାଷ୍ଟ୍ରପତି, ତା'ଙ୍କ ବଡଭାଇ ହେଲେ ପ୍ରଧାନମନ୍ତ୍ରୀ, ଆଉଜଣେ ଭାଇ ହେଲେ ପ୍ରତିରକ୍ଷା ଏବଂ ସହରୀ ବିକାଶ ମନ୍ତ୍ରୀ, ଅନ୍ୟଜଣେ ଆଇନକାନୁନ ନିଜ ହାତରେ ରଖିଲେ, ଅନ୍ୟଜଣେ ହେଲେ ଅର୍ଥ ଏବଂ ଯୋଜନା ବିଭାଗର ମୁଖ୍ୟ, ଆଉଜଣେ ବନ୍ଦର ଏବଂ ରାଜପଥ ବିକାଶ ମନ୍ତ୍ରୀ, ଏମିତି ଗୋଟିଏ ରାଜପକ୍ଷେ ପରିବାରରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସହ ଚାରି ମୁଖ୍ୟ ବିଭାଗର କ୍ୟାବିନେଟ୍ ମନ୍ତ୍ରୀରୂପେ ଶପଥ ନେଲେ। ଅରାଜକତାର ମୂଳଦୁଆର କାରଣ ଏହିଠାରୁ ଆରମ୍ଭ, ଯାହାକି ଏବେ ଭୀଷଣ ରୂପ ନେଇଛି। ଆମ ଭାରତର ବି ଏମିତି ଯୁଗ ଆସୁଆସୁ ବଂଚିଗଲା। ନହେଲେ ଗୋଟିଏ ପରିବାରର ଜଣେ ରାଷ୍ଟ୍ରପତି, ଜଣେ ପ୍ରଧାନମନ୍ତ୍ରୀ, ଜଣେ ବିଦେଶ ଏବଂ ଜଣେ ଗୃହ ଓ ଅର୍ଥ ସହ ଆହୁରି କେତେକେତେ ଅନ୍ୟବିଭାଗ ରଖିବାର ପନ୍ଦର ବର୍ଷତଳେ ସାମର୍ଥ୍ୟ ଥିଲା, ହେଲେ ଲୋକେ ବିମୁଖ ହୋଇଗଲେ। ଶ୍ରୀଲଙ୍କା ଲୋକ ସେଇଟା ବୁଝିପାରିଲେନି। ଏବେ ତେଲଙ୍ଗାଣା ଲୋକ ବି ଅବୁଝା ହେଉଛନ୍ତି। ଆମେ ଅବା କ'ଣ କରିପାରିବା ! ଗଣତନ୍ତ୍ର ଶାସନରେ ଲୋକ ସର୍ବେସର୍ବା, ଯାହା ଚାହିଁବେ ସେୟା କରିବେ। ସମୟ କହିବ କୋଉ ପାଣି କୁଆଡକୁ ବୋହି କେମିତି କ'ଣ ଶ୍ରୀଲଙ୍କା ଭାଇଭଉଣୀଙ୍କର ଏହି ଉକ୍‌ଟ ସମସ୍ୟାର ସମାଧାନ ହେଉଛି !

**—ଇଂ. ବିଦ୍ୟାଧର ପଣ୍ଡା**
*ବି.ଟେକ୍. ନିର୍ମାଣ, ଏମ୍ ଟେକ୍ ପରିବେଶ, ଏଲ୍ଏଲ୍.ବି., ସମ୍ପାଦକ, "ସତ୍ୟାଗ୍ରହୀ", ଦୈନିକ ଓଡିଆ ଖବରକାଗଜ, ମୋ-୯୪୩୯୧୨୮୦୫୦/୭୯୭୮୦୧୯୦୮୧, ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯*

## ବିରଜା ଜ୍ୟୋତିର ବନ୍ଧୁମିଳନ

ଯାଜପୁର (ପିଏନ୍): ବିଶ୍ୱଜନନୀ ବିରଜାଙ୍କ ଅନୁପମ ମହିମାଙ୍କୁ ବିଶ୍ୱବିଦିତ କରାଇବା ଯାଜପୁରର ପ୍ରତ୍ୟେକ ସଂସ୍କୃତିପ୍ରେମୀ ବିଜ୍ଞଜନଙ୍କ କର୍ତ୍ତବ୍ୟ ବୋଲି ବିରଜା ସଂସ୍କୃତି ଗବେଷକ ତଥା ବିରଜା ଜ୍ୟୋତିର ମୁଖ୍ୟ ସମ୍ପାଦକ ଡଃ ଜ୍ଞାନରଂଜନ ପତି ଏକ ସାଂସ୍କୃତିକ ସମୀକ୍ଷା ବୈଠକରେ ମତଦେଇ କହିଛନ୍ତି। ବିରଜା ସଂସ୍କୃତି ଆଧାରିତ ଯାଜପୁରର ଏକମାତ୍ର ଗବେଷଣାଧର୍ମୀ ଷାଣ୍ମାସିକ ସାଂସ୍କୃତିକ ପତ୍ରିକା "ବିରଜା ଜ୍ୟୋତି"ର ବର୍ଷାକାଳୀନ ବନ୍ଧୁମିଳନ ଉତ୍ସବ ପତ୍ରିକାର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ନୃସିଂହ ଚରଣ ମହାପାତ୍ରଙ୍କ ଯାଜପୁର ସହରସ୍ଥ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମ୍ପାଦକ ଡଃ ଜ୍ଞାନରଂଜନ ପତି ମାତୃବନ୍ଦନା କରିବା ସହ ସମ୍ପାଦକ ମଣ୍ଡଳୀର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ ଓ ବିରଜାଙ୍କ ମହିମା ପ୍ରଚାରରେ "ବିରଜା ଜ୍ୟୋତି"ର ଅନନ୍ୟ ଅବଦାନ ସମ୍ପର୍କରେ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରି ଶ୍ରୀଯୁକ୍ତ ପ୍ରମୋଦ କୁମାର ଦ୍ୱିବେଦୀ ବିରଜା ଜ୍ୟୋତିର ଗତକାଲି, ଆଜି ଓ ଆସନ୍ତା କାଲି ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। ଏହି ବୈଠକରେ ନୂତନ ସଦସ୍ୟ ରୂପେ ଯୋଗଦାନ କରି ଅଧ୍ୟାପକ ଦାମୋଦର ବେହେରା ଓ ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଠୀ ବିରଜା ଜ୍ୟୋତିର ଆଙ୍ଗିକ ବିକାଶରେ ସଚେଷ୍ଟ ହେବେ ବୋଲି କହିଥିଲେ। ପତ୍ରିକାର ପ୍ରତିଷ୍ଠାତା ସଦସ୍ୟ ଶ୍ରୀ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ମା'ଙ୍କ ମହିମା ପ୍ରସାରର ହିଁ ସମସ୍ତଙ୍କ ଧ୍ୟେୟ ହେବା ଉଚିତ ବୋଲି କହିଥିଲେ। ବରିଷ୍ଠ ସଦସ୍ୟ ଶ୍ରୀ ନୃସିଂହ ଚରଣ ମହାପାତ୍ର କହିଲେ ଯେ ଯାଜପୁରରେ କୌଣସି ସାଂସ୍କୃତିକ ପତ୍ରିକା ତିଷ୍ଠିପାରୁ ନଥିବା ବେଳେ ବିରଜା ଜ୍ୟୋତି ଆର୍ଥିକ ଦୁର୍ଗତି ସତ୍ତ୍ୱେ ବର୍ଷକୁ ଦୁଇଥର ପ୍ରକାଶିତ ହେବା ସମସ୍ତଙ୍କ ପାଇଁ ସ୍ୱାଗତଯୋଗ୍ୟ ବିଷୟ ଅଟେ। ଯାଜପୁରର ଐତିହ୍ୟ ସଂସ୍କୃତିକୁ ଉତ୍ତର ପୀଢ଼ିଙ୍କ ପାଖରେ ପହଞ୍ଚାଇବା ପାଇଁ ବିରଜା ଜ୍ୟୋତି ପକ୍ଷରୁ ଏକ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ପତ୍ରିକାର ଅନ୍ୟତମ ସମ୍ପାଦକ ଶ୍ରୀ ଗଦାଧର କୁଣ୍ଡୁ ୨୦୨୧-୨୦୨୨ ବର୍ଷର ଆୟବ୍ୟୟ ସମୀକ୍ଷା କରିବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିରଜା ସଂସ୍କୃତି ସମ୍ପର୍କରେ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା କରିବାକୁ ମତଦେଇଥିଲେ। ଅନ୍ୟତମ ପରିଷଦ ସଦସ୍ୟ ଶ୍ରୀ ଆନନ୍ଦ ଚନ୍ଦ୍ର ସାହୁ ଉନ୍ନତମାନର ଲେଖା ସଂଗ୍ରହ ସହ ଠିକ୍ ସମୟରେ ପତ୍ରିକା ପ୍ରକାଶନ ବିଷୟରେ ମତ ଦେଇଥିଲେ। ଶ୍ରୀ ପାଣ୍ଡବ ଚରଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବାପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ମାଟ୍ରିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ, ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ହେଲେ ସମ୍ବର୍ଦ୍ଧିତ




ବାଲେଶ୍ୱର (ପିଏନ୍)- ଚଳିତ ବର୍ଷ ଏପ୍ରିଲ-ମଇ ମାସରେ ଅନୁଷ୍ଠିତ ବାର୍ଷିକ ହାଇସ୍କୁଲ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବାଲେଶ୍ୱର ଜିଲ୍ଲା ଅତ୍ୟନ୍ତ ଭଲ ପ୍ରଦର୍ଶନ କରିଛି। ରାଜ୍ୟର ସର୍ବାଧିକ ଏ୧, ଏ୨ ଏବଂ ବି୧ ଗ୍ରେଡ୍ ବାଲେଶ୍ୱର ଜିଲ୍ଲାର ଛାତ୍ରଛାତ୍ରୀମାନେ ଲାଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଖୁବ୍ ଭଲ ନମ୍ବର ରଖି ଜିଲ୍ଲାର ପ୍ରଥମ ୧୦ଟି ସ୍ଥାନରେ ରହିଥିବା ୨୧ଜଣ ଛାତ୍ରଛାତ୍ରୀଙ୍କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆଗକୁ ପାଠପଢାରେ ଏହିଭଳି ଧାରା ବଜାୟ ରଖି ବିଭିନ୍ନ କ୍ଷେତ୍ରରେ ସଫଳ ହେବା ଏବଂ ନିଜ ପାଇଁ, ଜିଲ୍ଲା




ପାଇଁ ତଥା ରାଜ୍ୟ ପାଇଁ ଗୌରବ ଆଣିବା ସଙ୍ଗେ ସଙ୍ଗେ ଜଣେ ଜଣେ ସୁନାଗରିକ ହେବାକୁ ସେ ପରାମର୍ଶ ଦେଇଥିଲେ । ପରୀକ୍ଷାରେ ସଫଳତା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବଢାଇଥାଏ । ଆଗକୁ ଏହି ଆତ୍ମବିଶ୍ୱାସ ଅନ୍ୟାନ୍ୟ କଠିନ ପରୀକ୍ଷାରେ ସେମାନଙ୍କୁ ଉତୀର୍ଣ୍ଣ ହେବା ପାଇଁ ସୁଯୋଗ ପ୍ରଦାନ କରିଥାଏ । ୫-ଟି ଅଧିନରେ ରାଜ୍ୟ ସରକାର ବିଦ୍ୟାଳୟ ରୂପାନ୍ତରୀକରଣ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିଷ୍ଠା, ଅଧ୍ୟବସାୟ ଏବଂ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଓ ବୃତିରେ ଛାତ୍ରଛାତ୍ରୀଙ୍କ ସଫଳତା ହିଁ ବିଦ୍ୟାଳୟର ପ୍ରକୃତ ରୂପାନ୍ତରଣ ଆଣିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଭଲ ଫଳ ପ୍ରଦର୍ଶନ କରିଥିବା ଜିଲ୍ଲାର ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଅଭିନନ୍ଦନ ଜଣାଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସବୁବେଳେ ବଡ ସ୍ୱପ୍ନ ଦେଖିବା ଏବଂ ତାକୁ ସାକାର କରିବାକୁ ଅବିରତ ଉଦ୍ୟମ କରିବାକୁ ଉପଦେଶ ଦେଇଥିଲେ । ଏହି ଅବସରରେ ୫୯୪ ନମ୍ବର ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱରୂପା ଜେନା, ୫୯୩ ନମ୍ବର ରଖି ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଏଲିନା ଗିରିଙ୍କ ସମେତ ଜିଲ୍ଲାର ପ୍ରଥମ ୧୦ଟି ସ୍ଥାନରେ ରହିଥିବା ୨୧ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପୁଷ୍ପଗୁଚ୍ଛ ଏବଂ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅନୁରୂପ ଭାବେ ଜିଲ୍ଲାର ସର୍ବାଧିକ ୭୫ଜଣ ଏ୧ ଗ୍ରେଡ୍ ପାଇ ସର୍ବଶ୍ରେଷ୍ଠ ସ୍ଥାନରେ ରହିଥିବା ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ୭୩ଜଣ ଏ୧ ଗ୍ରେଡ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ରେମୁଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ପରୀକ୍ଷାଫଳ ପ୍ରଦର୍ଶନରେ ଜିଲ୍ଲାର ଶ୍ରେଷ୍ଠ ୧୦ଟି ସ୍ଥାନରେ ଥିବା ୧୨ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନୁସୂଚିତ ଜନଜାତି-ଅନୁସୂଚିତ ଜାତି, ସଂଖ୍ୟାଲଘୁ, ପଛୁଆବର୍ଗ କଲ୍ୟାଣ ବିଭାଗ ଅଧିନରେ ଥିବା ଜିଲ୍ଲାର ବିଭିନ୍ନ ଆବାସିକ ବିଦ୍ୟାଳୟଗୁଡିକରେ ଅଧ୍ୟୟନ କରି କରି ସଫଳତା ଲାଭ କରିଥିବା ସର୍ବଶ୍ରେଷ୍ଠ ଦଶ ଜଣ ଛାତ୍ରଛାତ୍ରୀ ଏବଂ ତିନୋଟି ହାଇସ୍କୁଲର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ଜିଲ୍ଲାପାଳ ଏହି ଅବସରରେ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୂତାରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପ୍ରୀତୀତନୟା ଗିରି, ଶ୍ରୀ ଧରଣୀଧର ପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀ କୃଷ୍ଣମୋହନ ସିଂହ, ମୋ ସ୍କୁଲ ଜିଲ୍ଲା ସଂଯୋଜକ ଡ. ସନ୍ଦୀପ କୁମାର ଖଟୁଆଙ୍କ ସମେତ ୧୨ଟି ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।




## ଆତ୍ମନିର୍ଭର କୃଷକ ଅଭିଯାନ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଅରଙ୍ଗାବାଦସ୍ଥିତ ଶ୍ରୀ ଶ୍ୟାମସୁନ୍ଦର ମନ୍ଦିର ପରିସରରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜାରକା ଶାଖା ପକ୍ଷରୁ ଆତ୍ମନିର୍ଭର କୃଷକ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୟା ଭଉଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ, କ୍ରୀଷ୍ଣା ଭଉଣୀ, ଅଳି ଭଉଣୀ, ସରୋଜ ଭାଇ ପ୍ରମୁଖ ଯୋଗଦେଇ କୃଷି କ୍ଷେତ୍ରରେ ପୁରୁଷ ଓ ମହିଳାମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଆଧ୍ୟାତ୍ମିକ ମାର୍ଗ ଦ୍ୱାରା ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ




ସମାଜର ମଙ୍ଗଳ ସାଧନ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମ ମେ ୨୪ତାରିଖରୁ ଯାଜପୁରରୋଡସ୍ଥିତ ସଂସ୍କୃତି ଭବନରେ ଜିଲ୍ଲାପାଳଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ୪୦ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଜୁଲାଇ ୩ ତାରିଖରେ ବଡଚଣା ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମରେ ଉଦଯାପିତ ହୋଇଥିଲା। ଶେଷରେ କୃଷ୍ଣ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଉଁଶଗଡ ସେବାଶ୍ରମ ପ୍ରଧାନଶିକ୍ଷୟିତ୍ରୀଙ୍କ ଗଣମାଧ୍ୟମକୁ ବିରୋଧ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ ବାଉଁଶଗଡ ବାଳିକା ସେବାଶ୍ରମକୁ ଗଣମାଧ୍ୟମ ପ୍ରତିନିଧିମାନେ ଗତ ମାସ ୨୯ ତାରିଖ ଦିନ ୧୧ ଘଟିକା ସମୟରେ ସେବାଶ୍ରମର ବିଭିନ୍ନ ସମସ୍ୟା ଯଥା - ରାଜ୍ୟ ସରକାରଙ୍କଠାରୁ ଆସିଥିବା ଅନୁଦାନ, ୫-ଟି ଅନ୍ତର୍ଭୁକ୍ତ ରୂପାନ୍ତରୀକରଣ କାର୍ଯ୍ୟର ସମୀକ୍ଷା, ଅନ୍ତେବାସୀଙ୍କୁ ଦିଆଯାଉଥିବା ଖାଦ୍ୟ, କେତେ ସଂଖ୍ୟାରେ ପିଲା ରହୁଛନ୍ତି ଏବଂ ସେମାନଙ୍କୁ ପ୍ରତିଦିନ ସରକାର ଦେଉଥିବା ଅର୍ଥର ସଠିକ୍ ଭାବେ ବିନିଯୋଗ ହେଉଛି କି ନାହିଁ ପ୍ରଭୃତି ବିଷୟରେ ଜାଣିବାକୁ ଯାଇଥିବା ବେଳେ ସେବାଶ୍ରମର ପ୍ରଧାନଶିକ୍ଷୟିତ୍ରୀ ଗଣମାଧ୍ୟମକୁ ଭିତରକୁ ଯିବାକୁ ନଦେଇ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ମୁଖ୍ୟ ଫାଟକ ନଖୋଲି ଘଟଣାସ୍ଥଳରୁ ପଳେଇ ଯାଇଥିଲେ । ଏ ବାବଦରେ ଗଣମାଧ୍ୟମ ପ୍ରତିନିଧିମାନେ ଆନନ୍ଦପୁର ଏଡିଡବ୍ଲ୍ୟୁଇଓ ଆଲୋକ କୁମାର ମାଝୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ଶ୍ରୀ ମାଝୀ କଥାକୁ ଏଡାଇ ଦେଇ ପରାମର୍ଶ ନେଇ ଭିତରକୁ ଯିବା କଥା କହି ନୀରବଦ୍ରଷ୍ଟା ସାଜିଥିଲେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମକୁ ଭିତରକୁ ନଛାଡିବା ଏବଂ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଏକ ନିନ୍ଦନୀୟ ଘଟଣା ହୋଇଛି । ଉକ୍ତ ଘଟଣାଟି ଘଟିବା ପରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଏହା ଏକ ନିନ୍ଦନୀୟ ଘଟଣା ବୋଲି କହିବା ସହିତ ବାଉଁଶଗଡ ସେବାଶ୍ରମର ପ୍ରଧାନଶିକ୍ଷୟିତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ବାଣୀକଣ୍ଠ ନିମାଇଁଚରଣ ହରିଚନ୍ଦନଙ୍କ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରସ୍ଥିତ 'ପାୟଲ ମ୍ୟୁଜିକ ସ୍କୁଲ' ପରିସରରେ ଓଡିଶା ସଂଗୀତ ନାଟକ ଏକାଡେମୀ ଓ ପାୟଲ ମ୍ୟୁଜିକ ସ୍କୁଲର ମିଳିତ ସହଯୋଗରେ "ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ"ଙ୍କ ୧୨୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ଜୟନ୍ତୀ ସମାରୋହରେ ପାଲା ଗାୟକ ସମ୍ରାଟ ତଥା କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଲକ୍ଷ୍ମୀଧର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଣୀକଣ୍ଠଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ । ଇନ୍ଦୁପୁର ବିରୂପା ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡଃ. ସଂଗ୍ରାମ କେଶରୀ ରାଉତ ମୁଖ୍ୟ ବକ୍ତାଭାବେ ଯୋଗଦେଇ ବାଣୀକଣ୍ଠଙ୍କ ବାସସ୍ଥାନ ବଡକୋଠା ଓ ସଂଗୀତ ଜୀବନର ଅନେକ ଗବେଷଣାତ୍ମକ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଭୁବନେଶ୍ୱର ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଯୋଗଦେଇ ହରିଚନ୍ଦନଙ୍କ କାଳଜୟୀ ପ୍ରାଚୀନ ସଂଗୀତର କିପରି ବହୁଳ ପ୍ରଚାର ପ୍ରସାର ହୋଇପାରିବ ସେଥିପାଇଁ ସବୁ ବର୍ଗର ସହଯୋଗ କାମନା କରିବା ସହିତ ପାୟଲ ମ୍ୟୁଜିକ ସ୍କୁଲର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବାଣୀକଣ୍ଠଙ୍କ ଅଣନାତି ପ୍ରଣୟ କିଶୋର ହରିଚନ୍ଦନ ଯୋଗଦେଇ ସେତେବେଳର ସଂଗୀତମୟ ଜୀବନର ଉତ୍‌ଥାନ ପତନ ସମ୍ପର୍କରେ ଅବଗତ କରାଇବା ସହ ଠାକୁରଙ୍କ କରୁଣାରୁ ପୁରୀରେ 'ଚାମର ସେବା ସମ୍ମାନ' ଉପରେ ଆଲୋକପାତ କରି ଯଥାଶକ୍ତି ସହଯୋଗ କରିବାକୁ ମତବ୍ୟକ୍ତ କରିଥିଲେ । ଉତ୍ସବର ମୁଖ୍ୟ ଆକର୍ଷଣ ଦ୍ୱିତୀୟ ବାଣୀକଣ୍ଠ ଭାବେ ପରିଚିତ ବିଶିଷ୍ଟ ଗୀତିକାର ଦୁଃଖୀଶ୍ୟାମ ତ୍ରିପାଠୀ ବକ୍ତବ୍ୟ ପ୍ରଦାନ ସହ ହରିଚନ୍ଦନଙ୍କ ମଧୁର ସଂଗୀତ ଗାନ କରି ଉପସ୍ଥିତ ଶ୍ରୋତାଙ୍କ ମନମୁଗ୍ଧ କରିଥିଲେ । ତାଙ୍କ ସହିତ ପୁତ୍ର ଶିବାନନ୍ଦ ତ୍ରିପାଠୀ ମଧ୍ୟ ସହଯୋଗ କରିଥିଲେ । ଏହି ଅବସରରେ ପାୟଲ ମ୍ୟୁଜିକ ସ୍କୁଲ ପକ୍ଷରୁ ପ୍ରଖ୍ୟାତ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀଙ୍କୁ "ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ ସ୍ମୃତି ସମ୍ମାନ-୨୦୨୨" ଏବଂ ଶିବାନନ୍ଦ ତ୍ରିପାଠୀଙ୍କୁ "ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନ-୨୦୨୨" ରେ ସମ୍ବର୍ଦ୍ଧିତ କରାଯାଇ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଅତିଥିମାନେ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଇନ୍ଦୁପୁର ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୂତାର, ସମିତି ସଭ୍ୟା ସୁନନ୍ଦା ମଳିକ ଯୋଗଦେଇ ବହୁ ଉପାଦେୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ପର୍ଶୁରାମ ସ୍ୱାଇଁ ଓ ପ୍ରକାଶ କୁମାର ଜେନା ମାନପତ୍ର ପାଠ କରିଥିଲେ । ଅନୁଷ୍ଠାନର ସଭାପତି ନୀଳମାଧବ ପତି ଜୟନ୍ତୀ ସମାରୋହରେ ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ୍ ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଂଗୀତ ଗୁରୁ ଭାସ୍କର ଚନ୍ଦ୍ର ଜେନା, ସରୋଜକାନ୍ତ ପଣ୍ଡା, ସୌମ୍ୟରଞ୍ଜନ ପତି, ସୁଶିଲ ସେନ ଓ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ବାଣୀକଣ୍ଠ ନିମାଇଁ ଚରଣଙ୍କ ସଂଗୀତ ପରିବେଷଣ କରି ଦର୍ଶକଙ୍କୁ ଆକର୍ଷିତ କରିପାରିଥିଲେ । ଶେଷରେ ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।


ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୃତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁଲାଇ ୧୫

# ମାଲିକର ଇଚ୍ଛାହିଁ ସର୍ବୋପରି



ପ୍ରାଚୀନ କାଳରେ ବିଶ୍ୱର ଅନେକ ଦେଶରେ କ୍ରୀତଦାସ ପ୍ରଥା ପ୍ରଚଳିତ ଥିଲା। ବିଭିନ୍ନ ଦ୍ରବ୍ୟ ଯଥା ଶାଗ, ମାଛ, ତେଲ, ଲୁଣ, ଡାଲି, ଚାଉଳ, ଲୁଗାପଟା ଏବଂ ଗୋରୁହାଟ ଭଳି ମଣିଷ ବିକ୍ରି ହାଟ ମଧ ରହିଥିଲା। ଯେଉଁଥିରେ କେବଳ ମଣିଷମାନେ ବିକ୍ରି ହେଉଥିଲେ। ଧନୀକ ବ୍ୟକ୍ତିମାନେ ନିଜ ପସନ୍ଦ ମୁତାବକ ସେ ହାଟରୁ କ୍ରୀତଦାସ ମଣିଷମାନଙ୍କୁ ମୂଲଚାଲ କରି କିଣୁଥିଲେ। କ୍ରୀତଦାସ ମଣିଷମାନେ ଗାଈ ବଳଦ ଭଳି ନିଜ ମାଲିକ ଘରେ ସାରା ଜୀବନ ଖଟୁଥିଲେ। ଏମାନଙ୍କୁ କ୍ରୀତଦାସ ସହିତ ଅଭିଶପ୍ତ ମନୁଷ୍ୟ ବୋଲି କୁହାଯାଉଥିଲା। ଥରେ ଜଣେ ଧନୀଲୋକ କ୍ରୀତଦାସ ହାଟରୁ ସରଳ ମଣିଷଟିଏ କିଣିନେଲା। ଘରେ ପହଂଚି କ୍ରୀତଦାସକୁ ପଚାରିଲା ମୋର ପଚାଶ ବଖରା କୋଠାଘର ପଡିଛି ତୁ କେଉଁ ବଖରାରେ ରହିବୁ? ଉତ୍ତରରେ କ୍ରୀତଦାସ କହିଲା ଆପଣ ମୋତେ ଯେଉଁ ବଖରାରେ ରହିବାକୁ କହିବେ। ମାଲିକ କହିଲା ତୁ କେତେବେଳେ ଶୋଇବୁ? କ୍ରୀତଦାସ କହିଲା ଆପଣ ମୋତେ ଯେତେବେଳେ ଶୋଇବାକୁ କହିବେ। ମାଲିକ କହିଲା ତୁ କେତେବେଳେ ଉଠିବୁ, କେତେବେଳେ ଗାଧୋଇବୁ? ଉତ୍ତରରେ କ୍ରୀତଦାସ କହିଲା ଆପଣ ମୋତେ ଯେତେବେଳେ ଉଠିବାକୁ ଓ ଗାଧୋଇବାକୁ କହିବେ ସେତେବେଳେ ମୁଁ ଉଠିବି ଓ ଗାଧୋଇବି।

ଏଥର ମାଲିକ କହିଲା ତେବେ ମୁଁ ଯାହା ଯେତେବେଳେ କହିବି ତୁ ତାହା ସେତେବେଳେ କରିବୁ। ତୋର କ'ଣ ନିଜର କିଛି ଇଚ୍ଛା ନାହିଁ? କ୍ରୀତଦାସ କହିଲା କିଣା ଚାକରର କ'ଣ ଇଚ୍ଛା ବୋଲି କିଛି ଥାଏ? ଯାହା ମାଲିକର ଇଚ୍ଛା ସେହି ଇଚ୍ଛା ଅନୁସାରେ ଚାକର ଚାଲିଥାଏ। ଦାସତ୍ୱ ଜୀବନରେ ଇଚ୍ଛାର ଅପମୃତ୍ୟୁ ହୋଇଯାଏ। ଜଣେ ଦାସର ଇଚ୍ଛା ରହିଲେ ତାକୁ ଦୁଃଖ ଭୋଗ କରିବାକୁ ହୁଏ। ଚାକର ଯଦି ଯାତ୍ରା ଦେଖିବାକୁ ଇଚ୍ଛା କରେ ଏବଂ ଯଦି ମାଲିକ ମନା କରିଦିଏ, ତେବେ ତାକୁ ଦୁଃଖ ଲାଗେ। ସେହିପରି ଚାକର ଯଦି ଖାଇବାକୁ ଇଚ୍ଛାକରେ ଆଉ ମାଲିକ ମନା କରିଦେଲେ ମନ ଅତୃପ୍ତ ହୋଇଉଠେ। ଆଉ ଯଦି ମାଲିକର ଇଚ୍ଛାରେ ଚାକର ଚାଲେ, ତେବେ ତା'ର ଦୁଃଖ ବିଷାଦ ଦୂରକୁ ଚାଲିଯାଏ। ଚାକର ଇଚ୍ଛା କଲେ ପ୍ରତିଦିନ ତା'ର ଦୁଃଖ ଯନ୍ତ୍ରଣାରେ ପ୍ରାଣ ଛଟପଟ ହୋଇଥାଏ। କ୍ରୀତଦାସର ଏପରି ତାତ୍ତ୍ୱିକ କଥାଶୁଣି ମାଲିକ କହିଲା ତୁ ମୋର ଚାକର ନୁହଁ,



କ୍ରୀତଦାସ ନୁହଁ, ତୁ ମୋର ଜ୍ଞାନଦାତା, ବିଦ୍ୟାଦାତା, ମନ୍ତ୍ରଦାତା, ଦୀକ୍ଷାଦାତା, ଗୁରୁ। ମୋ ସନ୍ତାପିତ ପ୍ରାଣକୁ ଆଜି ତୁ ଶୀତଳ କରିଦେଲୁ। ମୋ ବିଷାଦ ତଥା ଦୁଃଖପୂର୍ଣ୍ଣ ଜୀବନରେ ତୁ ଆଜି ଅମୃତ ବୋଳିଦେଲୁ। ମୋ ଜ୍ୱଳନଶୀଳ ଜୀବନରେ ତୁ ଆଜି ଶାନ୍ତିସ୍ରୋତ ପ୍ରବାହିତ କରିଦେଲୁ। ମୋ ବିଷାଦ ଚିନ୍ତା ଚେତନାରେ ତୁ ଆଜି ପଂଚାମୃତ ସିଂଚିଦେଲୁ। ଡରିଯାଇ କ୍ରୀତଦାସ କହିଲା, ଆପଣ ଏ କ'ଣ କହୁଛନ୍ତି। ମୋର କହିବାରେ କଣ କିଛି ଦୋଷ, କିଛି ତ୍ରୁଟି ରହିଗଲା? ମାଲିକ କହିଲା ନା! ଚାକର କହିଲା, ତେବେ ଆପଣଙ୍କର ଏ ବିଶାଳ କୋଠାଘର! ଏ ଧନଜନ ଗୋପଲକ୍ଷ୍ମୀ, ମାନ, ସମ୍ମାନ ସଂପର୍ତ୍ତି, ବିଭୂତି ଥାଇ ଆପଣ ଦୁଃଖରେ ଅଛନ୍ତି କିପରି? ମାଲିକ ଜଣକ କହିଥିଲେ, ଇଚ୍ଛା ପଛରେ ଧାଇଁ ଧାଇଁ ଜୀବନରୁ ସୁଖ ହଜିଯାଇଛି। ମୁଁ ଜଣେ କୃଷକ ଥିଲି, ହଠାତ୍ କାହିଁକି ଧନୀ ହେବାପାଇଁ ଇଚ୍ଛା ହେଲା। ବହୁ କଷ୍ଟରେ କିଛି ଧନ ଅର୍ଜନ କଲି, କୋଠା ତୋଳିଲି। ତଥାପି ଇଚ୍ଛା ପ୍ରବଳରୁ ପ୍ରବଳତର ହେଲା। ଗାଁ ସରପଂଚ ହେଲି, ତଥାପି ତୃଷା ମେଂଟିଲାନି। ଆହୁରି ବଡ ନେତା ହେଲି। କୋଟି କୋଟି ଟଙ୍କା ଅର୍ଜନ କଲି, କୋଟିପତି ହେବାପାଇଁ ବହୁ ଅନ୍ୟାୟ, ଅସତ୍ୟ, ଅଧର୍ମ ପଥରେ ଗତିକରି ବହୁଲୋକଙ୍କୁ ଠକିଲି। ବହୁ ଲୋକଙ୍କ ଧନସମ୍ପତି ହରଣ କଲି। ଫଳରେ ମୋର ବହୁ ଶତ୍ରୁ ସୃଷ୍ଟି ହେଲେ। ଶତ୍ରୁମାନଙ୍କୁ ଦମନ କରିବାପାଇଁ ବହୁ ଧନ ଖର୍ଚ୍ଚ କଲି। ଗୁଣ୍ଡା ପୋଷିଲି, ଶତ୍ରୁମାନେ ମୋତେ ଭୟକଲେ ସତ୍ୟ, କିନ୍ତୁ ଆଗରେ ପ୍ରଶଂସା କରି ପଛରେ ଗାଳିଦେଲେ, ନିନ୍ଦାକଲେ, ଚୁଗୁଲି କଲେ, ସେ କଥା ଶୁଣି ଶୁଣି ମନରେ ସଦାବେଳେ କ୍ରୋଧଭାବ ଜାତ ହେଲା। ରାତ୍ରିରେ ଶାନ୍ତିରେ ଶୋଇପାରିଲି ନାହିଁ। ଅତୁଳ ସଂପର୍ତ୍ତି ଇଚ୍ଛାକୁ ପୂର୍ଣ୍ଣ କରିପାରିଲା ନାହିଁ। ପ୍ରତିଦିନ ନୂଆ ନୂଆ ଇଚ୍ଛା ସୃଷ୍ଟି ହେଲା। ଗୋଟିଏ ଇଚ୍ଛା ପୂର୍ଣ୍ଣ ନହେଉଣୁ ଅନ୍ୟ ଇଚ୍ଛା ମନରେ ଜାଗ୍ରତ ହେଉଥିଲା। ସାରା ଜୀବନ ଇଚ୍ଛା ପଛରେ ଧାଇଁ ଧାଇଁ ମନ ଅସନ୍ତୋଷ ହେଉଥିଲା। ମାତ୍ର ଆଜି ତୋ କଥାରୁ ମୁଁ ବୁଝୁଛି:-

***"ଇଚ୍ଛା ନାମ ନଦୀ ମନୋରଥ ଜଳା, ତୃଷ୍ଣା ତରଙ୍ଗା କୁଳା-ରାଗ ଗ୍ରାହବତୀ ବିତର୍କ ବିହଙ୍ଗା, ଧୈର୍ଯ୍ୟ ଦ୍ରୁମ ଧ୍ୱଂସିନୀ- ମୋହାବର୍ତ୍ତ ସୁଦୁସ୍ତରେ ତି ଗହନା, ପ୍ରତ୍ୟଙ୍ଗ ଚିନ୍ତାତଟୀ- ତସ୍ୟାଃ ପାରଙ୍ଗତା ବିଶୁଦ୍ଧମନସା, ନନ୍ଦନ୍ତି ଯୋଗୀଶ୍ୱରଃ।" ( ଭର୍ତ୍ତୃହରି)***

ଇଚ୍ଛା ଏକ ଭୟଙ୍କର ନଦୀ, ମନୋରଥ ସେ ନଦୀର ଜଳ, ତୃଷ୍ଣା ତା'ର ଲହରୀ, ରାଗ ସେ ନଦୀର କୁମ୍ଭୀର। ବିତର୍କ ସେ ନଦୀର ଚଢେଇ। ସେମାନେ ଇଚ୍ଛାନଦୀ କୂଳସ୍ଥ ଧୈର୍ଯ୍ୟ ରୂପକ ବୃକ୍ଷକୁ ଧ୍ୱଂସ କରନ୍ତି। ମୋହ ସେ ନଦୀର ଜଳଭଉଁରୀ, ନିଷ୍କାମ ମନ ବା କାମନାର ବିନାଶ ବ୍ୟତିତ ସେ ଭୟଙ୍କର ନଦୀପାର ହେବା ଅସମ୍ଭବ। ତୋ କଥା ଶୁଣି ଆଜି ମୋର ମୋହ ଭଙ୍ଗ ହେଲା। ଆଜିଠୁ ମୋ ଇଚ୍ଛା ବୋଲି କିଛି ଭାବିବି ନାହିଁ। ସବୁ ସେହି ପରମେଶ୍ୱରଙ୍କ ଇଚ୍ଛା। ସବୁ ସେହି ମାଲିକର ଇଚ୍ଛା ମନେକରି ଚଳିଲେ ସୁଖ ଦୁଃଖ ମନକୁ ପ୍ରଭାବିତ କରିପାରିବ ନାହିଁ। ମୁଁ ତୋ'ଠାରୁ ଆଜି ଏ ଦିବ୍ୟ ଉପଦେଶ ପାଇ ତୋତେ କିଛି ଗୁରୁଦକ୍ଷିଣା ସହିତ ମୁକ୍ତ କରିଦେଲି।

**ଉମାଶଙ୍କର ପ୍ରସାଦ,** ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

## ଆଜିର ଅନୁଚିନ୍ତା

**ଯେତେ ଯାହା କଲେ ବି ମାତୃଋଣ ଶୁଝିବା ଅସମ୍ଭବ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ମାଦ୍ରିଦରେ ନାଟୋ

ସୌମେନ୍ଦ୍ର ଜେନା





ବିଗତ ଚାରିମାସରୁ ଅଧିକ ସମୟ ହେଲା ୟୁରୋପରେ ରୁଷିଆ-ୟୁକ୍ରେନ ମଧରେ ଯୁଦ୍ଧ ଜାରିଥିଲା ବେଳେ ନାଟୋ ମେଣ୍ଟ ପାଇଁ ତାହା ଚିନ୍ତାଜନକ ରହିଆସିଛି। ଯୁଦ୍ଧର ମୂଳ କାରଣ ହେଲା ୟୁକ୍ରେନର ନାଟୋ ସଦସ୍ୟତା ପାଇଁ ପ୍ରବଳ ଆଗ୍ରହ । ନାଟୋ ସାମରିକ ମେଣ୍ଟ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ରୁଷିଆକୁ ସୀମିତ କରି ରଖିବାକୁ ଚାହିଁ ଆସିଛି । ନାଟୋର ଷଡଯନ୍ତ୍ରରେ ସୋଭିଏତ ରୁଷିଆର ପତନ ପରେ ସୋଭିଏତ୍ ରୁଷିଆରୁ ବିଚ୍ଛିନ୍ନ ହୋଇ ସ୍ୱାଧୀନ ହୋଇଥିବା ସଂଖ୍ୟାଧିକ ରାଷ୍ଟ୍ରଙ୍କୁ ନାଟୋ ଗୋଟିକ ପରେ ଗୋଟିଏ କରି ସଦସ୍ୟଭୁକ୍ତ କରିବାରେ ଲାଗିଛି, ଯଦ୍ୱାରା ରୁଷିଆର ସୁରକ୍ଷା ପ୍ରତି ଅଧିକରୁ ଅଧିକ ବିପଦ ସୃଷ୍ଟି ହେବାରେ ଲାଗିଛି । ୟୁରୋପୀୟ ରାଷ୍ଟ୍ରଗୁଡିକ ଗ୍ୟାସ, ତୈଳ, ବିଦ୍ୟୁତ, କୋଇଲା ଆଦି ରୁଷିଆଠାରୁ କିଣୁଥିବେ ସତ, କିନ୍ତୁ ପଛପଟେ ତୋପ ସଜେଇ ବସି ରହିଥିବେ । ଏ ପ୍ରକାର ସଂପର୍କକୁ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ବଦଳାଇବାକୁ ଚାହୁଁଛନ୍ତି । ଗୋଟିଏ ସମୟରେ ବାଣିଜ୍ୟ ଓ ଶତ୍ରୁତା ଚାଲିବା ଠିକ୍ ନୁହେଁ ବୋଲି ମନେକରି ସେ ଅନେକ ପଡୋଶୀ ରାଷ୍ଟ୍ରମାନଙ୍କୁ ତୈଳ, ଗ୍ୟାସ, ବିଦ୍ୟୁତ ଆଦି ଯୋଗାଣକୁ ବନ୍ଦ କରିଛନ୍ତି । ଫଳରେ ୟୁରୋପରେ ଏବେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଅନେକ ରାଷ୍ଟ୍ରରେ ଉତ୍ପାଦନ ହ୍ରାସ ପାଇଛି, ବଜାରକୁ ଯୋଗାଣ ହୋଇପାରୁନାହିଁ, ଖାଦ୍ୟାନ୍ନର ଅଭାବ ପରିଲକ୍ଷିତ ହେଲାଣି । ଏହି ଅସ୍ଥିରତା ମଧରେ ଗତ ଜୁନ ୨୮ରୁ ୩୦ ପର୍ଯ୍ୟନ୍ତ ସ୍ପେନର ମାଦ୍ରିଦଠାରେ ନାଟୋ ମେଣ୍ଟର ବୈଠକ ଅନୁଷ୍ଠିତ ହୋଇଥିଲା । ବର୍ତ୍ତମାନର ସଙ୍କଟରୁ ମୁକୁଳିବା ଏବଂ ଆଗାମୀ ଦିନର ଆହ୍ୱାନର ସମ୍ମୁଖୀନ ହେବାଲାଗି ମାଦ୍ରିଦ ବୈଠକ ଗୁରୁତ୍ୱପୂର୍ଣ୍ଣ ଥିଲା । କାରଣ ଫିନଲାଣ୍ଡ ଏବଂ ସ୍ୱିଡେନକୁ ନାଟୋର ସଦସ୍ୟତା ପ୍ରଦାନ ପାଇଁ ଆବେଦନକୁ ସ୍ୱୀକୃତି ଦେବାଲାଗି ନିଷ୍ପତ୍ତି ନେବା ଜରୁରୀ ଥିଲା । ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ ୟୁରୋପର ଛୋଟ ଛୋଟ ରାଷ୍ଟ୍ରଗୁଡିକ ଭୟଭୀତ ହୋଇପଡିଛନ୍ତି । ରୁଷିଆର ସେନାବାହିନୀ ସହ ସମ୍ମୁଖୀନ ହେବାଲାଗି ସେମାନଙ୍କର ସେନାସଂଖ୍ୟା କିମ୍ବା ଆର୍ଥିକ ସମ୍ବଳ ଯଥେଷ୍ଟ ନଥିବା ହେତୁ ସେମାନେ ନାଟୋ ସୁରକ୍ଷାର ଛତ୍ରିତଳେ ଆଶ୍ରୟ ନେବାକୁ ଉଚିତ ମନେକରୁଛନ୍ତି । ନର୍ଥ ଆଟଲାଣ୍ଟିକ ଟ୍ରିଟି ଅର୍ଗାନାଇଜେସନ ବା ନାଟୋର କାଉନ୍‌ସିଲ ପକ୍ଷରୁ ୨୯ ଜୁନରେ ପ୍ରକାଶିତ ଏକ ମିଳିତ ବିଜ୍ଞପ୍ତିକୁ ଦେଖିଲେ ବୈଠକର ଆଶା ଓ ଆବଶ୍ୟକତା ବୁଝିହେବ । ନାଟୋ ମେଣ୍ଟଭୁକ୍ତ ରାଷ୍ଟ୍ରମୁଖ୍ୟମାନଙ୍କ ପକ୍ଷରୁ ପ୍ରକାଶିତ ଏହି ବିଜ୍ଞପ୍ତିରେ କୁହାଯାଇଛି ଯେ ନାଟୋ ଆନ୍ତର୍ଜାତିକ ଏକତା, ଶାନ୍ତି ଓ ସ୍ଥିରତା ପାଇଁ ଉଦ୍ଦିଷ୍ଟ ସଂଗଠନ । ଏହି ପ୍ରତିରକ୍ଷା ମେଣ୍ଟ କୌଣସି ରାଷ୍ଟ୍ର ପ୍ରତି ଆଦୌ ବିପଦସୃଷ୍ଟିକାରୀ ନୁହେଁ । ୱାସିଂଟନ ଚୁକ୍ତି ପ୍ରତି ସମସ୍ତେ ପ୍ରତିଶ୍ରୁତିବଦ୍ଧ, ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା, ମାନବାଧିକାର, ଆଇନର ଶାସନ ପ୍ରତି ନାଟୋ ମେଣ୍ଟ ପ୍ରତିଶ୍ରୁତିବଦ୍ଧ ବୋଲି କୁହାଯାଇଛି । ବିଶ୍ୱସ୍ତରରେ ନୀତି ଆଧାରିତ ବ୍ୟବସ୍ଥାକୁ ଗ୍ରହଣ କରିବା ନାଟୋର ଉଦ୍ଦେଶ୍ୟ ।

ଏହିସବୁ ବିଷୟ ଉଲ୍ଲେଖ କରି ମେଣ୍ଟ ରୁଷିଆ ବିରୋଧରେ ହିଁ ଅଧିକମାତ୍ରାରେ ବିଷୋଦ୍‌ଗାର କରିଛି । ଏପରିକି ମାଦ୍ରିଦ ବୈଠକରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍ ଏବଂ ଅନ୍ୟ କିଛି ନେତାମାନେ ପୁତିନଙ୍କ ବ୍ୟକ୍ତିଗତ ରୁଚି ଓ ଜୀବନକୁ ନେଇ ଯେପରି ବ୍ୟଙ୍ଗ ପ୍ରକାଶ କଲେ ତାହା ଦେଶବିଦେଶର ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ଥିଲା । କିନ୍ତୁ ସେଥିରେ ପୁତିନଙ୍କ ପ୍ରତି ନାଟୋ ନେତୃମଣ୍ଡଳୀର କିପରି ପ୍ରଚଣ୍ଡ ଘୃଣାଭାବ ସୃଷ୍ଟି କରିଥିଲା ତାହା ଜଣାପଡିଥିଲା । ନାଟୋ ମେଣ୍ଟ ଯୁଦ୍ଧ ପାଇଁ ରୁଷିଆକୁ ସଂପୂର୍ଣ୍ଣ ଦାୟୀ କରିଥିଲେ । ବିଶ୍ୱରେ ଦେଖାଦେଇଥିବା ଖାଦ୍ୟାନ୍ନର ଅଭାବ ପାଇଁ ରୁଷିଆ ଦାୟୀ ବୋଲି କହିଥିଲେ । ଗୋଟିଏ ପଟେ ପୁତିନଙ୍କୁ ଯୁଦ୍ଧ ବନ୍ଦ କରିବା ପାଇଁ କହିଥିବା ଏହି ମେଣ୍ଟ ୟୁକ୍ରେନର ଆତ୍ମରକ୍ଷା ପାଇଁ ସମସ୍ତ ସହାୟତା ଏପରିକି ମାରଣାସ୍ତ୍ର ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି କହିବା ଦ୍ୱାରା ଯୁଦ୍ଧ ଯେ ଚାଲୁଥାଉ ଏହା ନାଟୋର ଅନ୍ତରର ବାଣୀ ବୋଲି କୁହାଯାଇପାରେ । ରୁଷିଆ ଏବଂ ତାର ସହଯୋଗୀ ରାଷ୍ଟ୍ରଗୁଡିକ ନାଟୋ ମେଣ୍ଟ ପାଇଁ ବିପଦ । ଆଗାମୀ ଦିନରେ ଏହାର ଜବାବ ଦିଆଯିବ ବୋଲି କୁହାଯାଇଛି । ଏହା ସହ ସୁରକ୍ଷା, ମୂଲ୍ୟବୋଧକୁ ଚୀନ ଅସ୍ୱୀକାର କରିବାକୁ ସମାଲୋଚନା କରାଯାଇଥିଲା । ସୀମାନ୍ତରେ ବେଆଇନ ମଣିଷଚାଲାଣ ମାଧ୍ୟମରେ ଅନୁପ୍ରବେଶ ଅଧିକ ସମସ୍ୟା ସୃଷ୍ଟି କରିଥିବା ପ୍ରକାଶ କରାଯାଇଥିଲା । ତେଣୁ ମେଣ୍ଟକୁ ଅଧିକ ସକ୍ରୀୟ, ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ କରିବା ପାଇଁ ୩୬୦ଡିଗ୍ରୀ ଢା□ରେ ମିଳିତ ସୁରକ୍ଷା ପାଇଁ ଚିନ୍ତା କରିବାକୁ କୁହାଯାଇଥିଲା । ପ୍ରତିରୋଧ ପାଇଁ ପୂର୍ବପ୍ରସ୍ତୁତି, ପ୍ରତିରକ୍ଷା ଏବଂ ସମସ୍ୟା ନିରାକରଣ ସହ ମିଳିତ ସୁରକ୍ଷା ପରିଚାଳନା ଦିଗରେ ଅଧିକ ଧ୍ୟାନ ଦିଆଯିବାକୁ କୁହାଯାଇଥିଲା । ୟୁକ୍ରେନକୁ ଅଧିକରୁ ଅଧିକ ରାଜନୀତିକ, ପ୍ରତିରକ୍ଷା ଏବଂ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ କୁହାଯାଇଥିଲା । ଆଗାମୀ ଦିନରେ ସାଇବର ସୁରକ୍ଷା ସହ ଆଣବିକ ପ୍ରତିରକ୍ଷା ନୀତିରେ ପରିବର୍ତ୍ତନ କରାଯାଇ ରାଜନୀତିକ ଏବଂ ସାମରିକ କ୍ଷେତ୍ରରେ ଲୋକଙ୍କ ମଧ୍ୟରେ ସଂପର୍କ ବୃଦ୍ଧି କରାଯିବାଲାଗି କୁହାଯାଇଥିଲା । ପ୍ରତିରକ୍ଷା କ୍ଷେତ୍ରରେ ନବୋଦ୍ୟମ ପାଇଁ ବହୁରାଷ୍ଟ୍ରୀୟ ସହଯୋଗ ଏବଂ ଶିକ୍ଷାକ୍ଷେତ୍ରର ଲୋକଙ୍କୁ ସାମିଲ କରାଯାଇ ପରବର୍ତ୍ତୀ ପିଢିର ଆଓ୍ୱାକ୍ସ ବା ଶତ୍ରୁଆକ୍ରମଣର ପୂର୍ବସୂଚନା ପ୍ରଦାନକାରୀ ବ୍ୟବସ୍ଥାର ନିର୍ମାଣ ଓ କ୍ଷମତା ବୃଦ୍ଧି କରାଯିବ ବୋଲି କୁହାଗଲା । ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ନାଟୋ ମେଣ୍ଟର ସଦସ୍ୟ ରାଷ୍ଟ୍ର ପ୍ରଦୂଷଣକାରୀ ଗ୍ୟାସ ନିର୍ଗମନକୁ ହ୍ରାସ କରିବେ ବୋଲି ପ୍ରକାଶ କରାଗଲା । ସେମିତି ଲିଙ୍ଗଗତ ସମାନତା ପାଇଁ ସହଯୋଗୀ ରାଷ୍ଟ୍ରମାନେ ପଦକ୍ଷେପ ନେବେ ବୋଲି ଘୋଷଣାପତ୍ର ଉଲ୍ଲେଖ କରିଛି । ବୋସ୍‌ନିଆ-ହର୍ଜଗୋଭିନା, ଜର୍ଜିଆ, ମାଲଡୋଭାର ସୁରକ୍ଷା ଏବଂ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଁ ନାଟୋ ମେଣ୍ଟ ସାହାଯ୍ୟ କରିବ । ଫିନ୍‌ଲାଣ୍ଡ ଓ ସ୍ୱିଡେନକୁ ମେଣ୍ଟଭୁକ୍ତ କରିବାକୁ ତୁର୍କୀର ବିରୋଧ ଦୃଷ୍ଟିରୁ ଉକ୍ତ ତିନିରାଷ୍ଟ୍ର ମଧ୍ୟରେ ତ୍ରିପକ୍ଷୀୟ ବୁଝାମଣା ହୋଇଥିଲା । ୱାସିଂଟନ ଚୁକ୍ତି ଅନୁସାରେ ସହଯୋଗୀ ରାଷ୍ଟ୍ରଗୁଡିକ ୨୦୧୪ରୁ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି କରିବାକୁ କୁହାଯାଇଥିଲା । ୨୦୨୪ ସୁଦ୍ଧା ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ବ୍ୟକ୍ତିଗତ ଏବଂ ମିଳିତ ପ୍ରତିରୋଧ ଶକ୍ତି ବୃଦ୍ଧି କରିବେ । ନାଟୋର ୪୦ତମ ବାର୍ଷିକ ବୈଠକ ପାଇଁ ସ୍ପେନକୁ ଧନ୍ୟବାଦ ଦିଆଯାଇଥିଲା ।

ମାଦ୍ରିଦ ଘୋଷଣାନୁଯାୟୀ ରୁଷ ଓ ଚୀନକୁ ମେଣ୍ଟର ବଡ ଶତ୍ରୁ ଭାବେ ଗ୍ରହଣ କରାଯାଇଥିଲା । ସଦସ୍ୟରାଷ୍ଟ୍ରମାନେ ୨୦୨୪ ସୁଦ୍ଧା ଜିଡିପିର ୨ ପ୍ରତିଶତ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ହୋଇଛି । ନାଟୋ ପାଇଁ ଅଧିକ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ କୁହାଯାଇଛି । ଗ୍ରୀନ ହାଉସ ଗ୍ୟାସ ୨୦୩୦ ସୁଦ୍ଧା ୪୫ ପ୍ରତିଶତ ଏବଂ ୨୦୫୦ ସୁଦ୍ଧା ଶୂନ୍ୟସ୍ତରକୁ ଆଣିବାକୁ ମତପ୍ରକାଶ ପାଇଛି । ଆସନ୍ତା ୧୫ ବର୍ଷରେ ୧ ବିଲିଅନ ୟୁରୋ ପାଣ୍ଠି ସୃଷ୍ଟି କରି ଷ୍ଟାର୍ଟଅପ୍ କ୍ଷେତ୍ରରେ ବିନିଯୋଗ କରାଯିବ । ମାରିଟାନିଆ ଏବଂ ଟ୍ୟୁନିସିଆ ପରି ସହଯୋଗୀ ରାଷ୍ଟ୍ରକୁ ନୂଆ ପ୍ୟାକେଜରେ ସହାୟତା ଦେବାଲାଗି କୁହାଯାଇଛି । ସାମରିକ ଦୃଷ୍ଟିରୁ ଆମେରିକାର ଏକଲକ୍ଷ ସେନା ନାଟୋ ମେଣ୍ଟଭୁକ୍ତ ୟୁରୋପର ରାଷ୍ଟ୍ରଗୁଡିକରେ ସୁରକ୍ଷା କାର୍ଯ୍ୟପାଇଁ ନିଯୁକ୍ତ ରହିଛନ୍ତି । ଆଗାମୀ ଦିନରେ ପୋଲାଣ୍ଡରେ ଏକ ଫରୱାର୍ଡ କମାଣ୍ଡ ପୋଷ୍ଟ ସ୍ଥାପନ କରାଯିବ । ଆମେରିକା ସେନା ରୋମାନିଆରେ ରହି ପୂର୍ବ ୟୁରୋପରେ କମାଣ୍ଡ ଟିମ୍‌କୁ କାର୍ଯ୍ୟରେ ଲଗାଇବ । ଯେଉଁମାନେ ପ୍ରଶିକ୍ଷଣ ପ୍ରଦାନ କରିବେ । ବଲ୍‌ଟିକ ସାଗର ନିକଟସ୍ଥ ସଦସ୍ୟ ରାଷ୍ଟ୍ରମାନଙ୍କ ସୁରକ୍ଷା ପାଇଁ ଅଧିକ ଧ୍ୟାନ ଦିଆଯିବ । ରୋଟାଠାରେ ଆମେରିକାର ଡେଷ୍ଟ୍ରୟର ସଂଖ୍ୟା ଚାରିରୁ ଛଅକୁ ବୃଦ୍ଧି କରାଯିବା ଲାଗି ସ୍ପେନ ସହ ବୁଝାମଣା ହେବ । ବ୍ରିଟେନରେ ନାଟୋର ଦୁଇ ସ୍କ୍ୱାଡ୍ରନ ଏଫ୍-୧୫ ବିମାନ ରଖାଯିବ । ଇଟାଲୀ ଏବଂ ଜର୍ମାନୀରେ ବାୟୁସେନାଙ୍କ ଶକ୍ତିବୃଦ୍ଧି କରାଯିବ । ୟୁରୋପରେ ନାଟୋର ୩ ଲକ୍ଷ ସେନା ଆଗାମୀ ଦିନରେ କାର୍ଯ୍ୟ କରିବେ ବୋଲି ମହାସଚିବ ଷ୍ଟୋଲଟୋନ୍‌ବର୍ଗ କହିଥିଲେ । ଚଳିତବର୍ଷର ବୈଠକରେ ତୁର୍କୀ ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ, ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜିଲେନସ୍କି, ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନସନ, ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ, ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡରିକସେନ, ୟୁରୋପୀୟ ସଂଘର ଅଧକ୍ଷା ଉର୍ସୁଲା ଭନ ଡେର ଲିୟେନ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଜର୍ମାନୀର ଚାନସେଲର ଓଲାଫ ସ୍କଲଜଙ୍କ ସମେତ ଅନେକ ରାଷ୍ଟ୍ରମୁଖ୍ୟ ଯୋଗଦେଇଥିଲେ । ତେବେ ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ସାଇପ୍ରସ, ଫିନ୍‌ଲାଣ୍ଡ, ଜର୍ଜିଆ, ଆୟରଲାଣ୍ଡ, ଜାପାନ, ମାଲ୍‌ଟା, ନ୍ୟୁଜିଲାଣ୍ଡ, ଦକ୍ଷିଣ କୋରିଆ ନିମନ୍ତ୍ରିତ ରାଷ୍ଟ୍ରଭାବେ ଯୋଗ ଦେଇଥିଲେ । ଜୋର୍ଡାନ, ମାରିଟାନିଆ ଏବଂ ବୋସନିଆର ମନ୍ତ୍ରୀ ଯୋଗଦେଇଥିଲା ବେଳେ ଜିଲେନସ୍କି ଆଭାସୀ ବ୍ୟବସ୍ଥାରେ ଯୋଗଦେଇଥିଲେ । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରପ୍ରତି ଅଧିକ ଦୃଷ୍ଟିଦେବାକୁ ନାଟୋ ମେଣ୍ଟ ଦକ୍ଷିଣ କୋରିଆ, ଜାପାନ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡକୁ ଏଥରକ ବୈଠକକୁ ନିମନ୍ତ୍ରିତ କରିଥିବା କଥା କୁହାଯାଉଛି । ଆଗାମୀ ଦିନରେ ନାଟୋ କେବଳ ୟୁରୋପରେ ସୀମିତ ନରହି ଏସିଆ ସମେତ ଅନ୍ୟାନ୍ୟ ମହାଦେଶରେ ମଧ ନିଜର ପ୍ରଭାବକୁ ବୃଦ୍ଧି କରିବାରେ ସମ୍ଭାବନା ଦେଖାଯାଉଛି । ୧୯୪୯ରେ ମାତ୍ର ୧୨ ରାଷ୍ଟ୍ରକୁ ନେଇ ଗଠିତ ଏହି ମେଣ୍ଟରେ ଏବେ ୩୦ ରାଷ୍ଟ୍ର ଯୋଗଦେଲା ପରେ ଆଗାମୀ ଦିନରେ ଏହାର ସଂପ୍ରସାରଣର ସମ୍ଭାବନା ଦେଖାଯାଉଛି । ଚୀନର ପ୍ରଭାବ ଦୃଷ୍ଟିରୁ ଦକ୍ଷିଣ କୋରିଆ ନାଟୋରେ ଯୋଗଦେଲେ ଏସିଆର ଅନେକ ରାଷ୍ଟ୍ର ଧୀରେ ଧୀରେ ଯୋଗ ଦେବେ ବୋଲି ଆଶା କରାଯାଉଛି । ତେବେ ନାଟୋର ଏପ୍ରକାର ସଂପ୍ରସାରଣ ରୁଷ-ଚୀନ-ଇରାନ ମେଣ୍ଟ ପାଇଁ ସହଜରେ ଗ୍ରହଣୀୟ ହେବନାହିଁ, ବରଂ ୟୁରୋପ ପରି ଆଗାମୀ ଦିନରେ ଏସିଆରେ ନାଟୋଶକ୍ତିର ହସ୍ତକ୍ଷେପ ବଢିବ, ଏଥିରେ କୌଣସି ସନ୍ଦେହ ନାହିଁ ।

*-ଭାରତୀୟ ସମ୍ବାଦ ସେବା(ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ପ୍ରବଚନ

## ଆଚରଣ ଓ ଉଚ୍ଚାରଣ

ଦାସେ

ସନ୍ଧ୍ୟା ସମୟରେ ଥରେ ଜଣେ ବନ୍ଧୁଙ୍କ ସହ ଜଣେ ଚାରିଆଖିଆ ବୟସ୍କ ବାବୁ ଆମ ଘରକୁ ଆସିଲେ। ବନ୍ଧୁ ଜଣକ ମୋ' ପାଖକୁ ଆସିଥିଲେ ବ୍ୟକ୍ତିଗତ କାମରେ । ଆଉ ବାବୁ ଜଣକ ଟିକେ ଚିହ୍ନା ଚିହ୍ନା ଲାଗିବାରୁ ତାଙ୍କ ଶୁଭନାମ ଜାଣିବାକୁ ଇଚ୍ଛା କଲି। ସେ ମୋତେ କହିଲେ, "ଆପଣ ସିନା ମୋତେ ଜାଣିନାହାନ୍ତି, ମାତ୍ର ମୁଁ ଆପଣଙ୍କୁ ଜାଣେ।" ତା'ପରେ ସେ ମୋ' ବିଷୟରେ ଟିକିଏ ଅଧିକ ଟେକିଟାକି କହିଲେ। ସଂଗେ ସଂଗେ ଭାବିଲି ଇଏ ନିଶ୍ଚିତ କୌଣସି କାମ କିମ୍ବା କଥା ହାସଲ କରିବା ଚକ୍କରରେ ଅଛନ୍ତି। ସେ ମୋତେ କହିଲେ, "ଆପଣ ମୋତେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଥିବା କିଛି ବହି ଦେବେ, ମୋର ପ୍ରବଚନରେ ଦରକାର ହେଉଛି।" ମୋତେ ଲାଗିଲା ମୁଁ ସତେ ଯେମିତି ସ୍ୱାମୀ ବିବେକାନନ୍ଦଙ୍କ ପାଠାଗାରର କର୍ମଚାରୀ କିମ୍ବା ତାଙ୍କ ବିଷୟରେ ଜାଣିଥିବା ଗୋଟେ ମହାନ୍ ବ୍ୟକ୍ତିତ୍ୱ!

ସତ କହିବାକୁ ଗଲେ, ସ୍ୱାମୀ ବିବେକାନନ୍ଦ ବିବେକରୁ ଆନନ୍ଦ ପାଇବାବାଲା ଏବଂ ବିଶେଷ କରି ମୁଁ ମନରୁ ଆନନ୍ଦ ପାଇଲାବାଲା ମନାନନ୍ଦ। ତଥାପି ତାଙ୍କୁ ସସମ୍ମାନର ସହ ଆମ ଘରପିଣ୍ଡାରେ ବସାଇଲି କିଛି ପାନୀୟ ବ୍ୟବସ୍ଥା କରି। ସେ କହିଚାଲିଲେ ତାଙ୍କ ପ୍ରବଚନ। ତାଙ୍କୁ ଜଣେ ବଡ଼ ପ୍ରବଚନକାରୀ କହିଛନ୍ତି ଯେ ସେ ୪୦୦ ଧାଡ଼ି ପଢିଲେ ୪ ଧାଡ଼ି କହିପାରିବେ। ଟିକେ ଗହିରେଇକି ଚିନ୍ତା କଲେ- ଆପଣମାନେ ଆପଣମାନଙ୍କ ଜୀବନକାଳ ଭିତରେ କେତେ ଧାଡ଼ି ପଢିଲେଣି ଏବଂ କେଉଁ କେଉଁଠାରେ ପ୍ରବଚନ ଦେଲେଣି?

ସେ ନିଜର ପ୍ରୌଢି ଇତ୍ୟାଦି ବଖାଣି ଚାଲିଲେ, ତାଙ୍କୁ ଇଏ ଚିହ୍ନିଛି, ସିଏ ଚିହ୍ନିଛି, ସିଏ ଫୁନ୍ କରୁଛି, ଇଏ ଫୁନ୍ କରୁଛି, ଏଠୁ ଖବର ଆସୁଛି ଲେଖିବାକୁ, ସେଠାକୁ ୪/୫ଟା ଲେଖା ପଠାଇଛି, ଇତ୍ୟାଦି ଇତ୍ୟାଦି। ଏସବୁ କଥାକୁ କାଟ୍‌ଛାଣ୍ଟ କରିବା ପାଇଁ ପଚାରିଲି, ଆପଣଙ୍କ ପ୍ରବଚନ କେବେ ହେବ? ସଂଗେ ସଂଗେ ଏକ ତାରିଖ କହିଲେ, ଏଇ ଦିନ ଅମକ ଜାଗାରେ ଏକ ପ୍ରବଚନ କାର୍ଯ୍ୟକ୍ରମ ପ୍ରଥମ ଥର ଦେବା ପାଇଁ ରହିଛି। ଅନୁରୋଧ ମଧ କଲେ ଆସି ଶୁଣି କିଛି ମତାମତ ଦେବା ପାଇଁ।

ସେ ଗଲା ପରେ ଭାବିଲି, ଏବେ ତ' ଶ୍ରୋତା କେହି ନାହାନ୍ତି, ଯିଏ ଆଧୁନିକ ଗୀତ, ହିନ୍ଦି ସିନେମା ଗୀତ ଶିଖିଛି ସିଏ ବି ପ୍ରବଚନ ଦେବା ଆରମ୍ଭ କଲାଣି! ଘରେ ଘରେ ପ୍ରବଚନ ଚାଲିଛି, ସମସ୍ତେ ସମସ୍ତଙ୍କୁ ଉପଦେଶ ଦେବା ମାଧ୍ୟମରେ। ଚାଲୁ, ଭାଷଣ ଓ ପ୍ରବଚନରେ ପେଟ ପୂରୁଛି ନା ନାହିଁ ଦେଖିବା!

ନିର୍ଦ୍ଦିଷ୍ଟ ଦିନ ଏ ଅଧମ ସେଠାରେ ପହ□ିଲା । ସେଠାରେ କିଛି ସମ୍ପୂର୍ଣ୍ଣ ଆୟୋଜନ ହୋଇ ନ ଥିଲା। ଲାଗୁଥିଲା, ଏ ପ୍ରବଚନଦାତା ଜଣକ ବୋଧେ ପଇସାପତ୍ର ଦେଇଛନ୍ତି ଆୟୋଜନକାରୀମାନଙ୍କୁ। ଯାହାହେଉ ଅଳ୍ପ ଲୋକରେ ଆୟୋଜନକାରୀମାନେ ଘୋଷଣା କଲେ, ଏବେ ଶୁଣନ୍ତୁ ଅମକେଇ କୁଳନନ୍ଦନଙ୍କ ପ୍ରବଚନ ଏବଂ ତା'ପରେ ସେ ଆରମ୍ଭ କଲେ ତାଙ୍କର ପ୍ରବଚନ କାର୍ଯ୍ୟକ୍ରମ। ରାମଙ୍କ ବିଷୟରେ ପ୍ରବଚନ ଦେଉ ଦେଉ ସେ ଭାବବିହ୍ୱଳ ହୋଇ ଶିକ୍ଷା ବିଷୟରେ କହିଲେ-ଶିକ୍ଷା ଆଜି ବିପଥଗାମୀ, ୧୫୦୦ ଟଙ୍କା ଦରମାରେ ଶିକ୍ଷକ ଖଟୁଛନ୍ତି, ଦିନମଜୁରିଆଟିଏ ବି ଏହାଠୁ ଅଧିକା ପାଉଛି ଇତ୍ୟାଦି ଇତ୍ୟାଦି। ଏପରିକି ରୋମମୂଳ ଟାଙ୍କୁରି ଉଠିବା ଗରମ ଭାଷଣ ଦେଉ ଦେଉ କରତାଳି ମାଡ଼ରେ ରାମଙ୍କ କଥା ଭୁଲିଗଲେ।

ଶିକ୍ଷା ବିଷୟରେ କହୁ କହୁ କହିଲେ, ସେ ତାଙ୍କ ପୁଅର ଇଞ୍ଜିନିୟରିଂ ଆଡ଼୍‌ମିଶନ୍ କରିବାକୁ ଯାଇଥିଲେ। ବିଚାରବିମର୍ଶ ଓ ପରାମର୍ଶ (କାଉନ୍‌ସେଲିଂ) ଦେଲାବାଲା ଯାଙ୍କୁ ପ୍ରଶ୍ନ କଲେ, "ଆପଣଙ୍କ ପୁଅ କେଉଁ ବିଭାଗ ନେବ?" ସେ ତାଙ୍କୁ କହିଲେ, "ଭଲ ମଣିଷଟିଏ କିପରି ହେବ, ସେପରି ବିଭାଗ ନେବ।" ସେମାନେ ମନାକଲେ ଏବଂ କହିଲେ, "ଏଠି ସେ ବିଭାଗ ଫିଭାଗ ନାହିଁ। ଏଠି କେବଳ ଅଛି ଟଙ୍କା ରୋଜଗାର କରିବାର ବିଭାଗ।" ସେ ଏତେମାତ୍ରାରେ ଏଗୁଡ଼ିକ ବଖାଣି ଚାଲିଲେ ଯେ ସେ ପ୍ରବଚନ ଦେଉଛନ୍ତି ବୋଲି ଭୁଲିଗଲେ।

ଆୟୋଜକମାନେ କୌଣସି ପ୍ରକାରେ ତାଙ୍କୁ ଠାରାଠାରି ଓ ଖେଂଚାଖେଂଚି କରି ପ୍ରକୃତିସ୍ଥ କରାଇଦେଲେ ଯେ ସେ ପ୍ରବଚନଠାରୁ ଦୂରେଇ ଅନ୍ୟ ଦିଗକୁ ଗତି କଲେଣି। କହିବା ବାହୁଲ୍ୟ ଯେ ସେ ପ୍ରବଚନଦାତା ଜଣକ ତାଙ୍କ ସନ୍ତାନ ଓ କନ୍ୟାଙ୍କୁ ଭଲରକମ ଦାନ ଓ ଦକ୍ଷିଣା ଦେଇ ଇ□ିନିୟରିଂ ପଢାଉଛନ୍ତି।

ପ୍ରବଚନ କାର୍ଯ୍ୟକ୍ରମ ସରିଲା ପରେ ସେ ମୋତେ ସେଠାରେ ଦେଖି ପ୍ରସନ୍ନ ହେଲେ। ପଚାରିଲି, "ଆଜ୍ଞା ପାରିଶ୍ରମିକ କେତେ ମିଳିଲା?" ଦାନ୍ତ ନେଫେଡ଼େଇ ମୋ' ଆଗରେ ଲଫାପା ଦେଖି କହିଲେ, "୫୦୦ ମୁଦ୍ରା", ପଚାରିଲେ, "ପ୍ରବଚନ କିପରି ଲାଗିଲା?" କହିଲି, "ଆପଣ ଆଲୋଚ୍ୟ ବିଷୟବସ୍ତୁଠାରୁ ଖୁବ୍ ଦୂରକୁ ଯାଇ ସେ ବାଟରେ କିଛି ସମୟ ନଷ୍ଟ କଲେ।" ଲଜ୍ଜିତ ହୋଇ କହିଲେ, "ମୋଟାମୋଟି ଭାବେ କେମିତି ଲାଗିଲା?" ସଂଗେ ସଂଗେ କହିଲି, "ପାଟି ଥିଲେ ସମସ୍ତେ ପ୍ରବ□କ ସାଜି ପାରିବେ, ମାତ୍ର ପ୍ରବଚନଦାତା ହୋଇପାରିବେ ନାହିଁ।" ଏହାପରେ ସେ ମୋତେ କିଛି କହିଲେନି। ଏକବାର ଖପ୍ପା। ସେହିଦିନୁ ସଂପର୍କ ତୁଟିଲା।

ଏମିତି ଅନେକ ପ୍ରବଂଚକ ଆଜି ପ୍ରବଚନଦାତା ସାଜି ପ୍ରବଚନ ଦେଉଛନ୍ତି ଏବଂ ଏମନଙ୍କୁ ସମସ୍ତେ ଚିହ୍ନି ରଖିବା କଥା। ଏମାନଙ୍କ ରତୁ ପ୍ରାୟ ସବୁବେଳେ ଚାଲେ। ଏମାନେ କୁହନ୍ତି ଗୋଟାଏ, କରନ୍ତି ଗୋଟାଏ। ତେଣୁ ଯାହାର ଉଚ୍ଚାରଣ ଓ ଆଚରଣ ଭିନ୍ନ ବା ଅଲଗା, ସେମାନେ କ'ଣ ପ୍ରବଚନ ଦେବେ? ତେଣୁ ହେ ପ୍ରବଚନଦାତାମାନେ! ପ୍ରବଂଚକ ନ ସାଜି ଶ୍ରୋତାମାନଙ୍କୁ ମିଠା ମିଠା କଥା କହିବା ଅବସରରେ ପ୍ରତାରଣା କହିବାର କୁପରମ୍ପରାକୁ ଛାଡ଼ି ନିଜେ ସଂଶୋଧିତ ହୁଅ! ବାକି ତା'ପରେ । ନା କ'ଣ କହୁଛନ୍ତି ଆଜ୍ଞା?

# ଶିକ୍ଷିତ ବେକାରୀଙ୍କ କଥା

ଦିନ ଥିଲା ପାଠ ନପଢ଼ିଲେ କିଛି କାମ ତ' ମିଳିବା ଦୂରର କଥା ମୂର୍ଖ ବୋଲି ଗଣାଯାଉଥିଲା। ହେଲେ ଯୁଗ ସହିତ ଲୋକମାନଙ୍କର ଶିକ୍ଷାଦିକ୍ଷାର ଢ଼ଙ୍ଗରଙ୍ଗ ସବୁପ୍ରକାର ମଧ ବଦଳିଛି। ତେବେ ଆଜିକାଲି ଏକ ବିଚିତ୍ର ପରିସ୍ଥିତିକୁ ଆମ୍ଭେମାନେ ସାମ୍ନା କରୁଛେ। ତାହା ଯିଏ ଯେତେ ବେଶି ପାଠ ପଢ଼ିଛି ବା ଡିଗ୍ରୀ ପାଇବା ହୋଇଥାଉ ବରଂ ଥାକ ଥାକ ସାର୍ଟିଫିକେଟ କିନ୍ତୁ ତାର ପ୍ରତିଭା ତୁଳନାରେ ତାକୁ କାର୍ଯ୍ୟ ମିଳୁନାହିଁ। ସେ ହେଉଛି ସବୁଠାରୁ ବଡ଼ ବେକାର। ଅଭାବେ ସ୍ୱଭାବ ନଷ୍ଟପରି କେଉଁଠି ସର୍ବାଧିକ ଯୋଗ୍ୟ ପ୍ରତିଭାବାନ ଛାତ୍ରଟି କୁଲିଗିରି କରିବାକୁ ପଛାଉନାହିଁ ତ' କେଉଁଠି ଦଲାଲ ହାବୁଡରେ ପଡ଼ି ଦାଦନ ଯାଉଛି। ବେକାର ହୋଇ କୁସଙ୍ଗରେ ପଡ଼ି ନିଶାସେବନ କରି ଜରାଗ୍ରସ୍ତ ଏପରିକି ଜୀବନହାନିର ଘଟଣା ପ୍ରାୟତଃ ଗଣମାଧ୍ୟମରେ ଦେଖିବାକୁ ମିଳିଥାଏ। କେବଳ ଗ୍ରାମା□ଳ ନୁହେଁ ସହରା□ଳରେ ମଧ ସବୁଠି କାମର ଅଭାବ। ତେବେ ସବୁକ୍ଷେତ୍ରରେ ଯେ ଲା□ ଦେଲେ ଚାକିରୀ ମିଳିଥାଏ ତାହା ଭାବିବା ବି ଭୁଲ। ତେବେ ବିଚିତ୍ର ଭାବରେ ଦେଖାଯାଇଥାଏ ଅନେକ କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀମାନେ ଚାକିରୀ ପାଇପାରୁନଥିବା ସ୍ଥଳେ ଅଯୋଗ୍ୟମାନେ ଚାକିରୀ ପାଇଯାଉଛନ୍ତି। ଆଜିକାଲି ତଥାକଥିତ ଗଡ଼ଫାଦରଙ୍କ ଆଶୀର୍ବାଦ ଥିଲେ ସବୁକିଛି ସମ୍ଭବ। କିନ୍ତୁ ବାସ୍ତବ କଥା ହେଉଛି ପ୍ରତିଭାବାନମାନେ ଦେଶର ବା ରାଜ୍ୟର ଶାସନ ବ୍ୟବସ୍ଥାରେ ଜଡ଼ିତ ନହେଲେ ତାହା ପ୍ରଗତି ପାଇଁ ନିଶ୍ଚିତ ଭାବରେ ବାଧକ ହେବ। ତେବେ କେବଳ ପୁରୁଷ ନୁହଁନ୍ତି ବେଶି ମହିଳାମାନେ ମଧ ବେକାର ହେବାକୁ ବସିଲେଣି। ଦେଖାଯାଉଛି ଦେଖାଶିଖା ନ୍ୟାୟରେ ପାଖ ଘର ପିଲାଟି ଯଦି କଲେଜ ଯାଉଛି ତା'ହେଲେ ଆରପାଖ ଘରର ଝିଅଟି ତା'ଘରର ସ୍ଥିତିକୁ ନବୁଝି କଲେଜରେ ନାଁ ଲେଖାଇବା ପାଇଁ ଗୋଡ଼ କଚାଡୁଛି। ବିଚରା ବାପ ବାପୁଡ଼ାଟି ବା କ'ଣ କରିବ? ସବୁ ଝିଅଙ୍କ ସ୍ଥିତି ବି ସମାନ ନୁହେଁ । ନିଜ ପ୍ରତିଭାରେ ନିଜ ପରିବାର, ଗାଁ ଓ ରାଜ୍ୟର ସୁନାମ ଆଣିଥିବା ଝିଅମାନଙ୍କର ତାଲିକା ବି ବେଶ୍ ଲମ୍ବା। ପରିସଂଖ୍ୟାନରୁ ଜଣାଯାଇଛି ଭାରତର ସହରା□ଳରେ ଅଶିକ୍ଷିତ ବେକାରଙ୍କ ସଂଖ୍ୟା ୧.୦୩ ପ୍ରତିଶତ ଥିବାବେଳେ ଗ୍ରାମା□ଳରେ ହେଉଛି ୧.୧ ପ୍ରତିଶତ। ସେହିପରି ମାଟ୍ରିକ ପର୍ଯ୍ୟନ୍ତ ପଢ଼ିଥିବା ସହରୀ ବେକାରୀଙ୍କ ସଂଖ୍ୟା ୪.୪ ପ୍ରତିଶତ ଓ ଗ୍ରାମୀଣ ବେକାରୀଙ୍କ ସଂଖ୍ୟା ୫.୪ ପ୍ରତିଶତ। ସେହିପରି ସହରା□ଳର ଗ୍ରାଜୁଏଟ୍ ବେକାରଙ୍କ ସଂଖ୍ୟା ୮.୪ ପ୍ରତିଶତ ହୋଇଥିବା ବେଳେ ଗ୍ରାମା□ଳ ଗ୍ରାଜୁଏଟ ବେକାରଙ୍କ ସଂଖ୍ୟା ୧୧ ପ୍ରତିଶତ। କେବଳ ସହରରେ ବେକାର ପୋଷ୍ଟଗ୍ରାଜୁଏଟ ୭.୭ ପ୍ରତିଶତ ଥିବାବେଳେ ଗ୍ରାମା□ଳରେ ଏମାନଙ୍କ ସଂଖ୍ୟା ୧୩.୯ ପ୍ରତିଶତ। ପରିସଂଖ୍ୟାନର ତଥ୍ୟ ସୂଚୀତ କରୁଛି ଯେ ଯିଏ ସେତେ ଶିକ୍ଷିତ ସେଠାରେ ବେକାରୀ ହେବାର ବେଶି ଭୟ। ତେବେ ସବୁକ୍ଷେତ୍ରକୁ ଆମେ ଗୋଟିଏ ନିକିତରେ ତଉଲୁ ନାହୁଁ ଅନେକ ଅଶିକ୍ଷିତ ବା ବେଶୀ ପାଠସାଠ ନପଢ଼ି ବି ବେଶ ନିଜ ବିଦ୍ୟାବୁଦ୍ଧିରେ ରୋଜଗାରକ୍ଷମ ହୋଇ ବିଭିନ୍ନ ପ୍ରଶଂସନୀୟ ଉଦ୍ୟମରେ ନିଜକୁ ବ୍ରତୀ କରୁଛନ୍ତି। ତେବେ ବର୍ତ୍ତମାନର ପରିସ୍ଥିତି କିନ୍ତୁ ସମ୍ପୂର୍ଣ୍ଣରୂପେ ଭିନ୍ନ। ମୁଦ୍ରାସ୍ଫୀତିର ଭୟଙ୍କର ଦାବାନାଳ ଓ ଦରଦାମ୍‌ର ପରିସ୍ଥିତି ସହ ସରକାରଙ୍କ ଭିତ୍ତିଭୂମିର ବ୍ୟାପକ ଅଭାବ ଯୋଗୁଁ ବିଭିନ୍ନ କ୍ଷେତ୍ରରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବର୍ଷ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡୁଥିଲେ ବି କାମଚଳା ଭାବରେ ଜଣକୁ ଦଶ ଦଶଟା ଦାୟିତ୍ୱ ଧରାଇ ଦିଆଯାଉଛି। ଏହାର ପରିସ୍ଥିତି ଯାହା ହେବ। ଯୁବବର୍ଗଙ୍କ ଭିତରୁ ଅନେକ ଶିକ୍ଷିତ ବେକାର ହେବା ପଛରେ ବଡ଼ କାରଣ ହେଉଛି ହୀନମନ୍ୟତା। କୌଣସି କାମ ଛୋଟ ବା ବଡ଼ ନୁହେଁ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବାଣୀକୁ କ'ଣ କେହି କେବେ ଭାବୁଛନ୍ତି? ଯେଉଁ ପର୍ଯ୍ୟନ୍ତ ଏ ରାଷ୍ଟ୍ରର ଯୁବପିଢ଼ୀ ନିଜେ କିଛି ନିଜ ପାଇଁ ପଛକୁ ଭାବି ରାଷ୍ଟ୍ରର ପାଇଁ ନିଜର ଦାୟିତ୍ୱ ଚିନ୍ତା ନକରିଛି ସେ ପର୍ଯ୍ୟନ୍ତ ଏ ରାଷ୍ଟ୍ରର ପ୍ରଗତି କେତେଦୂର ବା ସମ୍ଭବ ହୋଇପାରିବ? ଶିକ୍ଷା କେବଳ ଚାକିରୀ ପାଇଁ ଉଦ୍ଦିଷ୍ଟ ବୋଲି ଯେତେଦିନ ପର୍ଯ୍ୟନ୍ତ ଧରାଯାଉଥିବ ଏ ସମସ୍ୟା ବଢ଼ିବ ବରଂ କିନ୍ତୁ ସମାଧାନର ରାସ୍ତା ବାହାରିପାରିବ ନାହିଁ। ଶିକ୍ଷା ସମାଜ ଓ ସଂସ୍କାରର ବିଭିନ୍ନ ଅଜଣା କଥାକୁ ଜାଣିବା ପାଇଁ ଆବଶ୍ୟକ କେବଳ ଚାକିରୀ ପାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ତେଣୁ ଭାରତବର୍ଷର ଯୁବକଯୁବତୀମାନେ ନିଜ ପ୍ରତିଭାକୁ ନେଇ ଚାକିରୀ ପଛରେ ନଗୋଡ଼େଇ ବରଂ ସ୍ୱାବଲମ୍ବୀ ରାସ୍ତାରେ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ଯତ୍ନବାନ ହେବା ଉଚିତ। ନିଜ ପାଠ୍ୟ ମୁତାବକ କର୍ମସଂସ୍ଥାନ ନମିଳିଲେ ହତୋତ୍ସାହିତ ନହୋଇ ରୋଜଗାରର ଅନ୍ୟ ପନ୍ଥା ଧରିବା ଆବଶ୍ୟକ। ଅଶିକ୍ଷିତ ବେକାର ରହିବା ପଛରେ ବଡ଼ ଗୂଢ଼ କାରଣ ହେଉଛି ଯେ ସେମାନେ କୌଣସି କାର୍ଯ୍ୟକୁ ଛୋଟ ବୋଲି ଭାବିନଥାନ୍ତି। ବ୍ରିଟେନ୍ ଓ ଆମେରିକା ଭଳି ପ୍ରଗତିଶୀଳ ରାଷ୍ଟ୍ରରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ଆମ ଦେଶଠାରୁ କମ୍। ସେଠାରେ ଯେ କର୍ମସଂସ୍ଥାନ ବହୁତ ରହିଛି ତା ନୁହେଁ କିନ୍ତୁ ସେମାନେ କୌଣସି କାମକୁ ଛୋଟ ବା ବଡ଼ ଦୃଷ୍ଟିରେ ନଦେଖି ନିଜ କାମ ନିଜେ କରିବାକୁ ପସନ୍ଦ କରିଥାନ୍ତି। ଭାରତବର୍ଷର ମହାନ ସଂସ୍କୃତି ଭାଇଚାରର ସଂସ୍କୃତି। ସମଗ୍ର ବସୁଧା ହେଉଛି ଆମର ମାତା। ତେଣୁ ଲମ୍ବା ଜୀବନର ରାସ୍ତାକୁ ଅତିକ୍ରମ କରି ନିଜ ପରିବାର, ସମାଜର ଓ ରାଷ୍ଟ୍ରର ଦାୟିତ୍ୱ ନିର୍ବାହ ପୂର୍ବରୁ ନିଜକୁ ନିଜ ବିବେକକୁ ପ୍ରଶ୍ନ କରିବା ଉଚିତ ଯେ, ନିଜ ପାଇଁ କିଛି ଛୋଟ ବା ବଡ଼ ନୁହେଁ। ଶିକ୍ଷିତ ହୋଇ ବେକାର ହେବା ଅପେକ୍ଷା ନିଜ ପାରିପାର୍ଶ୍ୱିକ ଓ ପାରିବାରିକ ତଥା ସବୁ ଦିଗର ସ୍ଥିତିକୁ ଦେଖି ସ୍ୱାବଲମ୍ବୀର ଜୀବନ ବିତାଇବା ବରଂ ମର୍ଯ୍ୟାଦାର ପ୍ରସଙ୍ଗ। ତେବେ ଅଧ୍ୟବସାୟ, ଦୈବୀ ଆଶୀର୍ବାଦ ଓ ପିତାମାତାଙ୍କ କୃପା ଥିଲେ ବଣରେ ଫୁଟୁଥିବା ଫୁଲଟିର ମହକ ନିଶ୍ଚିତ ଭାବରେ ସମାଜକୁ ସୁରଭିତ କରିପାରିବ।




# ମାଥିଲି ବ୍ଲକର ୩ ଟି ପଚାଂୟତରେ ଜିଓ କମ୍ପାନୀର ୪ଜି ଟାୱାର କାର୍ଯ୍ୟକ୍ଷମ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସଦର ମହକୁମାରୁ ପ୍ରାୟ ୩୫ କି.ମି. ଦୂରରେ ଥିବା ମହୁପଦର, କୁଟୁନିପାଲ୍ଲୀ ଓ ଟେମୁରୁପାଲ୍ଲୀ ପଚାଂୟତରେ ଉପଯୁକ୍ତ ମୋବାଇଲ୍ ସଂଯୋଗ ଉପଲବ୍ଧ ନଥିଲା । ମୋବାଇଲ୍ ନେଟୱାର୍କ ଓ ୪ଜି ଇଂଟରନେଟ୍ ସଂଯୋଗର ଅଭାବରୁ ଏହି ଅଂଚଳର ବାସିନ୍ଦା ତଥା ଏଠାରେ କାମ କରୁଥିବା ପ୍ରଶାସନିକ ଅଧିକାରୀମାନେ ବାହ୍ୟ ଦୁନିଆ ସହ ଯୋଗଯୋଗ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏପରିକି ଜରୁରୀକାଳୀନ ପରିସ୍ଥିତିରେ ମଧ ଯୋଗଯୋଗ କଷ୍ଟକର ହୋଇପଡୁଥିଲା । ଗତ ଦୁଇ ବର୍ଷର କୋଭିଡ୍-୧୯ ମହାମାରୀ ସମୟରେ ଅନଲାଇନ୍ କ୍ଲାସ୍ରେ ଯୋଡ଼ି ହେବା ଲାଗି ଏହି ଅଂଚଳର ଛାତ୍ରଛାତ୍ରୀମାନଙ୍କୁ ମୋବାଇଲ୍ ନେଟ୍ୱର୍କ ଓ ଇଂଟରନେଟ୍ ସଂଯୋଗ ହାସଲ କରିବା ଲାଗି ମାଇଲ ମାଇଲ ଦୂର ଯାତ୍ରା କରିବାକୁ ପଡୁଥିଲା । ମାଥିଲି ବ୍ଲକର ୧୮ରୁ ଉର୍ଦ୍ଧ୍ୱ ଦୁର୍ଗମ ଗ୍ରାମରେ ଡିଜିଟାଲ୍ ରୂପାନ୍ତରଣର ଶୁଭାରମ୍ଭ କରାଯାଇଛି । ମହୁପଦର, କୁଟୁନିପାଲ୍ଲୀ ଓ ଟେମୁରୁପାଲ୍ଲୀରେ ଜିଓ କମ୍ପାନୀର ତିନିଟି ନୂଆ ୪ଜି ନେଟ୍ୱର୍କ ଟାୱାର କାର୍ଯ୍ୟକ୍ଷମ ହେବା ସହ ଜିଓ ଆଖପାଖ ଗ୍ରାମ ଓ ପଲ୍ଲୀଗୁଡିକରେ ବାସକରୁଥିବା ୧୨,୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଓ ପ୍ରଶାସନିକ ଅଧିକାରୀଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି । ଯେଉଁମାନେ ଏବେ ପ୍ରଥମ ଥର ପାଇଁ ୪ଜି ଇଂଟରନେଟ୍ ସୁବିଧା ପାଇପାରୁଛନ୍ତି । ତେବେ ବର୍ତମାନ ନିକଟରେ ମହୁପଦର, କୁଟୁନିପାଲ୍ଲୀ ଓ ଟେ ମୁରୁପାଲ୍ଲୀରେ ତିନିଟି ନୂଆ ଜିଓ ୪ଜି ନେଟ୍ୱର୍କ ଟାୱାର କାର୍ଯ୍ୟକ୍ଷମ ହେବାପରେ ଏହି ସମସ୍ୟା ଏବେ ଦୂର ହେବା ସହିତ ମହୁପଦର, କୁରୁମପାଲ୍ଲୀ, ମୁଣ୍ଡାଗୁଡ଼ା, କମରପାଲ୍ଲୀ, ଗାଲିଆଗୁଡ଼ା, ଧକଡରାସି, ଟେମୁରୁପାଲ୍ଲୀ, କୁକୁରକୁଣ୍ଡ, ତୁଳସୀ, କାଟିଗୁଡ଼ା, ସାରିଗୁଡ଼ା, କୁଟୁନିପାଲ୍ଲୀ, କଡାପଦର, ନେତଲଗାନ୍ଧୀ ସମେତ ୧୮ରୁ ଉର୍ଦ୍ଧ୍ୱ ଗ୍ରାମ, ପଲ୍ଲୀ ଓ ଆଖପାଖ ଅଂଚଳର ଜନସାଧାରଣଙ୍କ ପାଖରେ ୪-ଜି ଡିଜିଟାଲ ରୁପାନ୍ତରଣର ଲାଭ ପହଂଚି ପାରିଛି ।

# ଓଡିଶା ଓ ଛତିଶଗଡର ବସ୍ ମାଲିକ ମାନଙ୍କୁ ନେଇ ଚିନ୍ତୁରରେ ସଚେତନତା ବୈଠକ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଚିନ୍ତୁର ପୁଲିସ ପକ୍ଷରୁ ଓଡିଶା ଓ ଛତିଶଗଡରୁ ଚିନ୍ତୁର ଦେଇ ହାଇଦ୍ରାବାଦ, ବିଜୟୱାଡାକୁ ଯାତାୟତ କରୁଥିବା ବସ୍ ମାଲିକ ମାନଙ୍କୁ ନେଇ ଚିନ୍ତୁର ଥାନା ପରିସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପିଏସପି ଜି.କ୍ରିଷ୍ଣାକାନ୍ତ - ଆଇପିଏସ, ଚିନ୍ତୁର ପୁଲିସ ସର୍କଲ ଇନ୍ସପେକ୍ଟର ଏମ୍.ଆପଣ ନାଇଡୁ, ୟେଟାପକା ପୁଲିସ ସର୍କଲ ଇନ୍ସପେକ୍ଟର ଏମ୍. ଗଜେନ୍ଦ୍ର କୁମାର ପ୍ରମୁଖଙ୍କ ସମେତ ଗୁପ୍ତା ଗ୍ୟାଲେକ୍ସି ବସ ମାଲିକ, ବିଶ୍ୱାଳ ଗ୍ୟାଲେକ୍ସି ବସ ମାଲିକ, ବାଙ୍କେଶ୍ୱରୀ ବସ ମାଲିକ, ଅମୀଶ ଟ୍ରାଭେଲ୍ସ ଓ ଗୁପ୍ତା ଟ୍ରାଭେଲ୍ସର ପ୍ରତିନିଧି ଯୋଗ ଦେଇଥିଲେ ।ଏହି ବୈଠକରେ ମୁଖ୍ୟତଃ ଅଲ ଇଣ୍ଡିଆ ଟୁରିଷ୍ଟ ପରମିଟ ବସର ବେଆଇନ ଚଳାଚଳକୁ ନେଇ ଆଲୋଚନା ହୋଇଥିଲା । କେତେକ ବସରେ ମଦ୍ୟପାନ ଓ ଅତ୍ୟଧିକ ବେଗରେ ବେପରୁଆ ଚାଳନାକୁ ରୋକିବାକୁ ନିୟମିତ ଯାଂଚ୍, ଧାର୍ଯ୍ୟ ସିଟିଂ କାପାସିଟିରୁ ଅତ୍ୟଧିକ ଯାତ୍ରୀ ପରିବହନ, ଚାଂଟି ଠାରେ ଥିବା ଫାଟକରେ ଯାଂଚ୍ ଓ ଜୋରିମାନାକୁ ଏଡାଇବା ସକାଶେ ଅନତି ଦୂରରେ ଅଧିକ ଥିବା ଯାତ୍ରୀଙ୍କୁ ଓହ୍ଲାଇ ଅଟୋରିକ୍ସା ଯୋଗେ ଅଧା କିଲୋମିଟର ଯାଏ ପଠାଇବା ଓ ଫାଟକ ଅତିକ୍ରମ ପରେ ପୁନଃ ବସରେ ବସାଇବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ମଦ୍ୟପାନ ଓ ବେପରୁଆ ଚାଳନାକାରୀଙ୍କୁ ଦଣ୍ଡ ବିଧାନ ସ୍ୱରୁପ ଥାନାରେ ଅଟକ ରଖିବା, ଅତ୍ୟଧିକ ଯାତ୍ରୀ ବୋଝେଇ ବସର କଣ୍ଡକ୍ଟରଙ୍କୁ ଅଟକ ରଖି ଜୋରିମାନା ଆଦି ଦଣ୍ଡରେ ଦଣ୍ଡିତ ଓ ଆବଶ୍ୟକ ହେଲେ ଲାଇସେନ୍ସ ଜବତ ସକାଶେ ବୈଠକରେ ଆଲୋଚନା ହୋଇଥିଲା । ଦୃତ ଗତିରେ ବସ ଚଳାଚଳ ଏଡାଇବା, ମଦ୍ୟପାନ କରି ବସ ଚଳାଚନରୁ ବିରତ ରହିବା, ଡ୍ରାଇଭର ବଦଳେ ଲାଇସେନସ୍ ନଥାଉଣୁ କଣ୍ଡକ୍ଟର, ହେଲପର ଦ୍ୱାରା ବସ ଚାଳନା, ସିଟିଙ୍ଗ '' କାପାସିଟିରୁ ଅଧିକ ଯାତ୍ରୀ ନେବାରୁ ବିରତ ରହିବା ପ୍ରତି ଆବଶ୍ୟକୀୟ ଧ୍ୟାନ ଦେଇ କାର୍ଯ୍ୟାନୁଷ୍ଠାନ ଏଡାଇବାକୁ ପିଏସପି ଆଗ୍ରହ ପ୍ରକାଶ କରିଥିଲେ । ସେହିଭଳି ବସର ସିଟ୍ ପୂରଣ ସତ୍ୱେ ଆହୁରି ଅଧିକ ଯାତ୍ରୀ ଦେଉଥିବା ଟିକେଟ ବୁକିଙ୍ଗ କାଉଂଟର ବିରୁଦ୍ଧରେ ମଧ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୈଠକରେ ଆଲୋଚନା ହୋଇଥିଲା ।

# ମଲ୍ଲିକେଶ୍ୱର ମନ୍ଦିରରୁ ଚୋରି ଘଟଣାରେ ଜଣେ ଗିରଫ, ଚୋରି ଜିନିଷ ଜବତ

ମାଲକାନଗିରି, (ପି.ଏନ): ମାଲକାନଗିରି ସଦର ମହକୁମା ପାହାଡ଼ ଉପରେ ଥିବା ମଲ୍ଲିକେଶ୍ୱର ଶିବ ମନ୍ଦିରରୁ ଚୋରି ହୋଇଥିବା ମୋଟର ପମ୍ପ ଏବଂ ସପ୍ତଫେଣି ନାଗ ମୂର୍ତିକୁ ମାଲକାନଗିରି ପୋଲିସ ଉଦ୍ଧାର କରିଛି । ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି । ସୂଚନା ମୁତାବକ, ଜୁଲାଇ ୧୦ ତାରିଖ ରାତିରେ ମନ୍ଦିରରୁ ସପ୍ତଫେଣି ନାଗ ଚିତ୍ର ଥିବା ମୂର୍ତି ଏବଂ ସେଠାରେ ଭକ୍ତଙ୍କ ପାଇଁ ପାନୀୟ ଜଳ ନିମନ୍ତେ ଥିବା ମୋଟର ପମ୍ପଟି ଚୋରି ହୋଇଥିବା ନେଇ ମନ୍ଦିର ପୂଜକ ଏବଂ ସ୍ଥାନୀୟ ଯୁବକ ସଂଘ ପୋଲିସକୁ ସୂଚନା ଦେଇଥିଲେ । ମାଲକାନଗିରି ଥାନା ଅଧିକାରୀ ରିଗନ୍ କିଣ୍ଡୋଙ୍କ ନେତୃତ୍ୱରେ ଚୋରକୁ ଧରିବା ପାଇଁ ଜାଲ ବିଛା ଯାଇଥିଲା । କଲିକତା ଅଂଚଳରୁ ମାଲକାନଗିରି ସଦରରେ ଆସି କିଛି କାମ ଆଶାରେ ବୁଲୁ ଥିବାର ସୂଚନା ପାଇ ମାଲକାନଗିରି ବସଷ୍ଟାଣ୍ଡ ନିକଟରେ ପଚରା ଉଚୁରା କରି ଚୋର ଧରିବାରେ ପୋଲିସ ସକ୍ଷମ ହୋଇଥିଲା । ମାନସ ମାଇତି ନାମକ ବ୍ୟକ୍ତିକୁ ପୋଲିସ ଗିରଫ କରିଥିଲା ଏବଂ ତା ନିକଟରେ ଥିବା ମୋଟର ପମ୍ପ ଏବଂ ସପ୍ତଫେଣି ନାଗ ମୂର୍ତି ଉଦ୍ଧାର କରାଯାଇଛି ।

# ପୋଖରୀରେ ବୁଡି ଯୁବକର ମୃତ୍ୟୁ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ପଙ୍ଗାରସିଂହ ପଂଚାୟତ ଅଂର୍ଗତ ତଳଗଡ ଗ୍ରାମର ଆଦିବାସୀ ସାହିର ରୋହିତ ବେହେରା (୩୫) ବୁଧବାର ଦିନ ସନ୍ଧ୍ୟାରେ ଘରୁ କେଉଁ ଆଡେ ଚାଲି ଯାଇଥିଲେ ।ସେ ନଫେରିବାରୁ ପରିବାର ଲୋକମାନେ ବହୁ ଖୋଜାଖୋଜି କରି ନିରାଶ ହୋଇ ରହିଥିବା ବେଳେ ଗୁରୁବାର ଦିନ ସକାଳେ ପୋଖରୀରେ ଶବ ଭାସୁଥିବାର ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ । ଏ ନେଇ ପରିବାର ଲୋକମାନେ ପହଂଚି ଶବକୁ ଚିହ୍ନଟ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ଶବ ବ୍ୟବଚ୍ଛେଦ ନିମର୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦର୍ କରୁଛି ବୋଲି ବାଘମାରୀ ଥାନା ଅଧିକାରୀ ପ୍ରଜ୍ଞା ପ୍ରାରମ୍ଭିତା କର ସୂଚନା ଦେଇଛର୍ ।

# ଡାକ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ରାଧାକାନ୍ତପୁର ପଂଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଡାକ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ ସ୍ଥାନୀୟ ପଂଚାୟତର ସରପଂଚ ଜୁଲିତା ଦାଶ ମୁଖ୍ୟ ଅତିଥି,ଡାକ ବିଭାଗ ଭୁବନେଶ୍ୱର ମଣ୍ଡଳର ସହକାରୀ ଅଧିକ୍ଷକ ଦେବଦତ ଜେନା ମୁଖ୍ୟବକ୍ତା,ଖୋର୍ଦ୍ଧା ଡାକ ମଣ୍ଡଳର ସହକାରୀ ଅଧିକ୍ଷକ ପ୍ରକାଶ କୁମାର ଜେନା,ଡିଇଓ ଡାକ ଜୀବନ ବୀମା କର୍ମଚାରୀ ପ୍ରଭାକର ଶତପଥି ଓ ନାଏବ ସରପଂଚ ସଚିଲତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡାକ ବିଭାଗର ବିଭିନ୍ନ ସରକାରୀ ଯୋଜନା ଯଥା ସୁକନ୍ୟା ସମୃଦ୍ଧି,ଭବିଷ୍ୟନିଧି ଯୋଜନା,ପ୍ରଧାନ ମନ୍ତ୍ରୀ ସୁରକ୍ଷା ଓ ଜୀବନ ଜ୍ୟୋତି ଯୋଜନା,ଅଟଳ ପେନସନ ଯୋଜନା ଯୋଜନା ଓ ପୋଷ୍ଟାଲ ଆରଡି ସମ୍ବନ୍ଧୀୟ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମକୁ ଅକ୍ଷୁର ବେହେରା ପରିଚାଳନା କରିଥିବା ବେଳେ ଚକାପଦା ପୋଷ୍ଟ ମାଷ୍ଟର ବିଦ୍ୟୁଲତା ପଣ୍ଡା,ସହକାରୀ ପୋଷ୍ଟ ମାଷ୍ଟର ଦୀପକ ରଞ୍ଜନ ଦାଶ,ଖୋର୍ଦ୍ଧାର ଡାକ କର୍ମଚାରୀ ମିଳନ କୁମାର ସାହୁ ଓ ବ୍ରହ୍ମାନନ୍ଦ ଦାସ,ଅନ୍ୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

# ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ୍ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।

## କୋଶଳି ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବାକୁ ସାଂସଦଙ୍କୁ ଦାବୀ ପତ୍ର

ବଲାଙ୍ଗିର, (ପି.ଏନ): ସ୍ଥାନୀୟ କୋଶଳି ଭାଷା ସୁରକ୍ଷା ସମିତି ଟିଟିଲାଗଡ ପକ୍ଷରୁ କୋଶଳି ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ୍ କରିବା ପାଇଁ ଏକ ସ୍ମାରକପତ୍ର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କୁ ପ୍ରଦାନ କରାଯାଇଛି । ସମିତି ଟ୍ରଷ୍ଟର ଫାଉଣ୍ଡର ସଦସ୍ୟ ତଥା ପୂର୍ବତନ ସଭାପତି ଭିକାରୀ ଚରଣ ମିଶ୍ର, ବରିଷ୍ଠ ଉପଦେଷ୍ଟା ସେବକ ଚରଣ ଦାଶ ଓ ଜ୍ୟୋତି ପ୍ରକାଶ ଗଡତ୍ୟାଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି । କହିବା ବାହୁଲ୍ୟ, କୋଶଳି ହେଉଛି ପଶ୍ଚିମ ଓଡିଶାର ତେରଟି ଜିଲ୍ଲାରେ ବ୍ୟବହୃତ ହେଉଥିବା କଥିତ ତଥା ଲିଖିତ ଭାଷା । ଏ ଅଂଚଳର ଶିଶୁଟିଏ ତା ମାଆ ପାଖରୁ ଏହି ଭାଷା ଶିଖି ନିଜ ଅଂଚଳରେ ଆଜୀବନ ବ୍ୟବହାର କରିଥାଏ । ଓଡିଆ ଭାଷା ପଢିବା ପାଇଁ ଓ ବୁଝିବା ପାଇଁ ତାକୁ କଷ୍ଟ ହୁଏ, ଫଳରେ ପ୍ରାଥମିକ ସ୍ତର ଦୁର୍ବଳ ହୋଇପଡେ । ପଶ୍ଚିମ ଓଡିଶାର ତେରଟି ଜିଲ୍ଲାର ପ୍ରାୟ ଦୁଇକୋଟି ଲୋକ କୋଶଳି ଭାଷାକୁ ଶହଶହ ବର୍ଷ ଧରି ବ୍ୟବହାର କରି ଆସୁଥିବାରୁ ଏହାର ସାହିତ୍ୟ, ସଂସ୍କୃତି ଓ ଇତିହାସ ଆଦିର ବିକାଶ ପାଇଁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ୍ କରାଯିବା ଅନିର୍ବାର୍ଯ୍ୟ ହୋଇ ପଡିଛି । ଉଲ୍ଲେଖଯୋଗ୍ୟ, ମାନ୍ୟବର ସାଂସଦ ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ସହ ପାର୍ଲାମେଂଟରେ ପ୍ରଶ୍ନ ଉତଥାପନ କରି ଖୁବ୍ ଶୀଘ୍ର ପଦକ୍ଷେପ ନେବେ ବୋଲି କହିଥିଲେ ।

# କ. ନୂଆଗାଁ ଅଂଚଳରୁ ନାବାଳକ ଉଦ୍ଧାର ଘଟଣା : ପରିବାର ବର୍ଗଙ୍କୁ ହସ୍ତାନ୍ତର

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ଅଂଚଳରୁ ଗତ ୧୦ ତାରିଖରେ ଚାଇଲଡ ଲାଇନ ଉଦ୍ଧାର କରିଥିବା ନାବାଳକକୁ ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ସମିତି ଯାଂଚ୍ କରିବାପରେ ତାର ବାପାଙ୍କୁ ହସ୍ତାନ୍ତର କରିଛି । ତାଙ୍କ ଘର କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ତାଯୁଙ୍ଗିଆ ପଂଚାୟତ ସିକବାଡି ନିକଟ ଡୁବୁରୀ ଗ୍ରାମରେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ରଶ୍ମିତା କରଣ କହିଛନ୍ତି ।ଗଣମାଧ୍ୟମରେ ନାବାଳକ ଉଦ୍ଧାର ଖବର ପ୍ରକାଶ ପାଇବା ପରେ ଖବର ପାଇ ନାବାଳକର ବାପା ନିର ପାଟମାଝୀ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ । ଆଉ ସରକାରୀ ପ୍ରକ୍ରିୟା ଅନୁଯାୟୀ ଶିଶୁ ସୁରକ୍ଷା କମିଶନ ଅଧକ୍ଷ ଅଶୋକ ବେହେରା, ଚାଇଲଡ଼ ଲାଇନ ସଦସ୍ୟଙ୍କ ଉପସ୍ଥିତିରେ ନାବାଳକକୁ ତାର ବାପା ନିର ପାଟମାଝିଙ୍କୁ ହସ୍ତାନ୍ତର କରାଯାଇଥିଲା । ପୁଅ ବାପାଙ୍କୁ ଦେଖି ଖୁସି ହୋଇଯାଇଥିବା ବେଳେ ବାପା ବି ହଜିଲା ପୁଅକୁ ପାଇ ଖୁସିରେ ବିଭୋର ହୋଇଉଠିଥିଲେ । ବାପା ଓ ପୁଅର ମିଳନ ସମସ୍ତଙ୍କ ମନରେ ଖୁସି ଆଣିଦେଇଥିଲା । ଏହି ନାବାଳକ ମା ଛେଉଣ୍ଡ ସାଙ୍ଗକୁ କଥା ମଧ କହିପାରୁନି । ଏଣୁ,ଅବହେଳା ନକରି ତାର ସମସ୍ତ ଦାୟୀତ୍ୱ ଠିକ ଭାବେ ବୁଝିବା ଲାଗି ବାପା ନିର ପାଟମାଝିଙ୍କୁ ଡିସିପିଓ ଓ କମିଶନ ପରାମର୍ଶ ଦେଇଛନ୍ତି ।ସୂଚନାଯୋଗ୍ୟ ଯେ, ନାବାଳକ ଜଣକ ଗତ ଦଶ ତାରିଖରେ କ. ନୂଆଗାଁ ଅଂଚଳରେ ଏକାକୀ ବୁଲୁଥିବା ନେଇ ସମ୍ପୃକ୍ତ ଅଂଚଳରୁ କୌଣସି ସହୃଦୟ ବ୍ୟକ୍ତି ୧୦୯୮ କୁ ଫୋନକରି ଜଣାଇବା ପରେ ଚାଇଲଡ଼ ଲାଇନ ଟିମ ର ଶିବଶଙ୍କର ବେହେରା, ପ୍ରଭାସ ରଞ୍ଜନ ନାୟକ ତତକ୍ଷଣାତ କ. ନୂଆଗାଁ ଯାଇ ନାବାଳକକୁ ଉଦ୍ଧାର କରିବା ପରେ ତାକୁ ଶିଶୁ ମଙ୍ଗଳ କମିଟି ରେ ହାଜର କରିଥିଲେ । ପରେ ଶିଶୁ ମଙ୍ଗଳ କମିଟି ଅଧକ୍ଷଙ୍କ ନିର୍ଦେଶ ପ୍ରକାରେ ତାକୁ ଫୁଲବାଣୀ ସ୍ଥିତ କେନ୍ଦୁପଦର, ଗୋପବନ୍ଧୁ ବାଳାଶ୍ରମରେ ଥଇଥାନ କରାଯାଇଥିଲା ।

## ବିଦ୍ୟାଳୟ ମୁହାଁ ସ୍ୱାଭିମାନ ଅଂଚଳର ଡ୍ରପ ଆଉଟ ଛାତ୍ରଛାତ୍ରୀ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାରେ ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଥିବା ସତ୍ୱେ ଜିଲ୍ଲାରେ ଅନେକ ପିଲା ଅଧାରୁ ପାଠ ଛାଡ଼ିଦେଉଛନ୍ତି । ତେବେ ସେହି ପିଲାଙ୍କୁ ପୁଣି ଶିକ୍ଷାପ୍ରତି ଆକୃଷ୍ଟ କରିବା ପାଇଁ ସରକାରୀ ସ୍ତରରେ ଅନେକ ପଦକ୍ଷେପ ନିଆଯାଉଥିବା ବେଳେ ବର୍ତମାନ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ପିରାମଲ ଫାଉଣ୍ଡେସନର ମିଳିତ ସହଯୋଗରେ ଆରମ୍ଭ ହୋଇଛି ' ମୋ ଗାଁ ମୋ ଦାୟିତ୍ୱ '' ଅଭିଯାନ । ଏହି ଅଭିଯାନ ମାଧ୍ୟମରେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ଥିବା ଗାଜଲମାମୁଡ଼ି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦେବା କବାସୀ, ଯୋଡ଼ାମ୍ବ ସିଆରସିସି ଶିବ ସରକାର, ବଳରାମ ସାମଲ, ସ୍ଥାନୀୟ ସରପଂଚ ବଳରାମ ଗୋଲାରୀ ଓ ୱାର୍ଡ ମେମ୍ବରଙ୍କ ସହାୟତାରେ ଆଉଟ୍ ଅଫ୍ ସ୍କୁଲ ପିଲାଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କରିବା ପାଇଁ ନିଆଯାଇଛି ପଦକ୍ଷେପ । ଅଂଚଳର ଶିକ୍ଷକ ଓ ସିଆରସିସି ଶିକ୍ଷାର ବିକାଶ ପାଇଁ ସର୍ବଦା ଚେଷ୍ଟିତ ଥିବାବେଳେ ଲୋକଙ୍କୁ ଶିକ୍ଷାର ମୂଲ୍ୟ ବିଷୟରେ ବୁଝାଇ ଆସୁଥିବା ସହ ସୁସମ୍ପର୍କ ସ୍ଥାପନ କରିଛନ୍ତି । ବର୍ତମାନ ଜିଲ୍ଲା ପ୍ରଶାସନ ଓ ପିରାମଲ ଫାଉଣ୍ଡେସନ ଏହି ଅଂଚଳରେ ଲୋକଙ୍କୁ ଶିକ୍ଷାପ୍ରତି ସଚେତନ କରାଇଛି । ଫଳରେ ସ୍ୱାଭିମାନ ଅଂଚଳର ଅନେକ ଗ୍ରାମରେ ଥିବା ୩୦ ଜଣ ଡ୍ରପ୍ ଆଉଟ ଓ ଆଉଟ୍ ଅଫ୍ ସ୍କୁଲ ପିଲାଙ୍କୁ ବର୍ତମାନ ପୁଣି ପାଠପଢିବା ପାଇଁ ଗାଜଲମାମୁଡ଼ି ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାହୋଇଛି ।

# ଓରାପଦର ଲଂଚ ଘାଟରେ ତିନି ପଚାଂୟତବାସୀଙ୍କ ପ୍ରଜାମେଳି

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ବାଲିମେଳା ଜଳଭଣ୍ଡାର ଭିତରେ ଥିବା ୧୫୧ ଖଣ୍ଡ ଗ୍ରାମବାସୀଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁପ୍ରିୟା ସେତୁ ନିର୍ମାଣ କରାଯାଇ ଏହାକୁ ସ୍ୱାଭିମାନ ଅଂଚଳରେ ପରିଣତ କରାଗଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଭିମାନ ଅଂଚଳରେ ଥିବା ସମସ୍ତ ପଚାଂୟତର ଗ୍ରାମ ଗୁଡିକୁ ସଡ଼କ ପଥରେ ସଂଯୋଗ ପାଇଁ ସେତୁ ଯୋଜନାରେ ରାସ୍ତା ଓ ବ୍ରିଜ ନିର୍ମାଣ ଚାଲିଛି ହେଲେ ଏବେବି କିଛି ଅଂଚଳକୁ ରାସ୍ତା ନିର୍ମାଣ ହୋଇ ପାରିନଥିବାରୁ ଗ୍ରାମବାସୀ ମାନେ ଚିତ୍ରକୋଣ୍ଡାକୁ ଆସିବାକୁ ହେଲେ ଦୀର୍ଘ କିଲୋମିଟର ରାସ୍ତା ବୁଲି ଆସିବାକୁ ପଡୁଛି । ତେଣୁ ଆଜି ଲଗାଣ ବର୍ଷା ସତ୍ୱେ ସ୍ୱାଭିମାନ ଅଂଚଳର ପଣସପୁଟ, ଯନ୍ତ୍ରୀ ଓ ଅଣ୍ଡରାପାଲି ପଚାଂୟତର ଶତାଧିକ ଗ୍ରାମବାସୀ ଅଣ୍ଡରାପାଲି ପଚାଂୟତର ଓରାପଦର ଲଂଚ ଘାଟ ଠାରେ ଏକତ୍ରିତ ହୋଇ ନିଜ ଅଂଚଳର ସମସ୍ୟାକୁ ନେଇ ପ୍ରଜାମେଳି କରିଥିଲେ । ଏହି ମେଳିରେ ଗ୍ରାମବାସୀ ମାନେ ଓରାପଦର ଓ ମୁଦୁଲିପଡ଼ା ସବୁଠାରୁ ପୁରୁଣା ଲଂଚ ଘାଟ । ଏଠାରେ ବ୍ରିଜ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଓରାପଦର ଘାଟରେ ସେତୁ ଯୋଜନାରେ ଏକ ବ୍ରିଜ ନିର୍ମାଣ ପାଇଁ ଅଂଚଳ ବାସୀ ଦାବୀ କରିଛନ୍ତି ।

# କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ କୃଷି ଆଇନର ପ୍ରତ୍ୟାହାର ଦାବୀରେ କିଷାନ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପିଏନ)- କେନ୍ଦ୍ର ବିଜେପି ସରକାର ଚାଷୀମାନଙ୍କ ସହିତ କୌଣସି ବିଚାର ବିମର୍ଷ ନକରି ଯେଉଁ ତିନୋଟି କୃଷି ଆଇନ୍ ପ୍ରଣୟନ କରିଛନ୍ତି ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଚାଷୀ ବିରୋଧୀ ବୋଲି କୁହାଯାଇଛି । ଏହି ବିଲ୍ ତିନୋଟିର କାର୍ଯ୍ୟକାରୀ ହେଲେ ରାଜ୍ୟର ୮୨ ପ୍ରତିଶତ ଚାଷୀ ବହୁଳ ଭାବରେ କ୍ଷତିଗ୍ରସ୍ତ ହେବେ । ଭାଗଚାଷୀ କୌଣସି ସୁଫଳ ପାଇବେ ନାହିଁ । ଫଳରେ ଭବିଷ୍ୟତରେ ଚାଷୀ ଓ ଚାଷ କ୍ଷେତ୍ରରେ ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟିହେବ । ଏହାଦ୍ୱାରା କେବଳ ଘରୋଇ କମ୍ପାନୀମାନେ ଚାଷୀଙ୍କୁ ଶୋଷଣ କରି ବିପୁଳ ଲାଭବାନ ହେବେ । ତେଣୁ ସମଗ୍ର ଦେଶରେ ଏହା ବିରୁଦ୍ଧରେ ବ୍ୟାପକ ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ରାଜ୍ୟରେ ଅଧିକ ଶାଣିତ କରିବା ପାଇଁ ପିସିସି କିଷାନ କଂଗ୍ରେସର ବହୁ ଗୁରୁଦାୟିତ୍ୱ ରହିଛି ବୋଲି ଓଡ଼ିଶା ପ୍ରଭାରୀ ତଥା ସି.ଡ୍ଲୁ.ସି ସଦସ୍ୟ ସାଂସଦ ଡଃ. ଏ ଚେଲ୍ଲାକୁମାର ତାଙ୍କର ଗତ ୬ ଦିନିଆ




ଓଡ଼ିଶା ଗସ୍ତ କାର୍ଯ୍ୟକାଳରେ କିଷାନ କଂଗ୍ରେସ କର୍ମକର୍ତ୍ତାମାନଙ୍କ ସ୍ୱତନ୍ତ୍ର ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ସମସ୍ତ ବ୍ଲକସ୍ତରରୁ ଚାଷୀ ସ୍ୱାକ୍ଷର ଅଭିଯାନକୁ ବ୍ୟାପକ କରିବା ସହ ପ୍ରତି ଜିଲ୍ଲା ଓ ବ୍ଲକସ୍ତରରେ କଳା କୃଷିବିଲ୍ ସଂକ୍ରାନ୍ତୀୟ କର୍ମଶାଳା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି । ଏଥିରେ ବିଭିନ୍ନ କୃଷକ ସଂଗଠନର ପ୍ରତିନିଧି, କୃଷିବିତ୍, କିଷାନ କଂଗ୍ରେସ କର୍ମକର୍ତ୍ତା, ବୁଦ୍ଧିଜୀବି ଓ କୃଷକ ଭାଇମାନଙ୍କୁ ଅଧିକରୁ ଅଧିକ ସାମିଲ କରାଯାଇ ସରକାରଙ୍କ ଏହି ଚାଷୀମାରଣ ନୀତି ବିରୁଦ୍ଧରେ ପ୍ରତି ଗାଁ ଓ ପଞ୍ଚାୟତସ୍ତରରୁ ସଚେତନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରି ଉଲାକା ମଧ ଉପସ୍ଥିତ ରହି କିଷାନ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସକ୍ରିୟ କରିବା ସହ ଚାଷୀଙ୍କ ହକ୍ ପାଇଁ କିଷାନ କଂଗ୍ରେସ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟିର କର୍ମକର୍ତ୍ତା ଓ ଜିଲ୍ଲା କିଷାନ କଂଗ୍ରେସ ଅଧକ୍ଷବୃନ୍ଦ ଉପସ୍ଥିତ ରହି ଦଳୀୟ ସଂଗଠନ ଓ ସେମାନଙ୍କ ଜିଲ୍ଲାରେ ଉପୁଜୁଥିବା ଚାଷୀ ସମସ୍ୟା ସମ୍ପର୍କରେ ଡଃ. ଚେଲ୍ଲାକୁମାରଙ୍କୁ ଅବଗତ କରାଇଥିଲେ । କେନ୍ଦ୍ର ସରକାର ସର୍ବପ୍ରଥମେ ଏମ୍.ଏସ୍.ସ୍ୱାମୀନାଥନ୍ ଜାତୀୟ କୃଷକ କମିଶନ-୨୦୦୬ ସୁପାରିଷ ଅନୁଯାୟୀ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ମୋଟ ଉତ୍ପାଦନ ଖର୍ଚ୍ଚର) ଦେଢଗୁଣା ବୃଦ୍ଧି କରିବା ସହ ଦେଶରେ ଋଣଭାରରେ ଥିବା ସମସ୍ତ ଚାଷୀଙ୍କଠାରୁ ତୁରନ୍ତ କୃଷିଋଣ ଛାଡ଼ କରିବା ଓ ୧୯୫୫ ମସିହାର ଅତ୍ୟବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ, କଣ୍ଟ୍ରାକ୍ଟ ଫାର୍ମିଂ ବା ଚୁକ୍ତିନାମା ଚାଷ ଆଇନ ଓ ପ୍ରାଇଭେଟ ମଣ୍ଡି ଆଇନକୁ ରଦ୍ କରିବା ପାଇଁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଉଥିବା ଅଧକ୍ଷ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ




ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସି ଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।




# ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ସଚେତନତା ସଭା



ବାଲେଶ୍ୱର (ପିଏନ୍)- ବିଶ୍ୱ ଜନସଂଖ୍ୟା ଦିବସ-୨୦୨୨ ପାଳନ ଅବସରରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରିବାର ନିୟୋଜନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଲୋକମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳସେନ ଜଗଦେବ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିବା ସହିତ ପରିବାର ନିୟୋଜନ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଥିବା ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି, ଡିଏମଆରସିଏଚ୍ ଏଲିନା ସାମଲ, ଏଡିପିଏଚସିଓ ଶ୍ରୀ ରମଣୀକାନ୍ତ ଭଞ୍ଜ ପ୍ରମୁଖ ଏଥିରେ ଉପସ୍ଥିତ ରହି ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ହୋର୍ଡିଂ, ପୋଷ୍ଟର, ଲିଫ୍‌ଲେଟ୍ ବଂଟନ ଏବଂ ସଚେତନତା ରଥ ପରିକ୍ରମା ମାଧ୍ୟମରେ ଲୋକମାନଙ୍କୁ ପରିବାର ନିୟୋଜନର ଆବଶ୍ୟକତା ଓ ଫାଇଦା ବୁଝାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ୨୦୨୧-୨୨ ବର୍ଷ ପାଇଁ ପରିବାର ନିୟୋଜନ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଏବଂ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିବା ବ୍ଲକ, ଡାକ୍ତର ଏବଂ କର୍ମଚାରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପରିବାର ନିୟୋଜନ କ୍ଷେତ୍ରରେ ଖଇରା ବ୍ଲକ ଜିଲ୍ଲାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ଡାକ୍ତର ବେଣୁଧର ହୁଇ ଜିଲ୍ଲାରେ ଅଧିକ ସଂଖ୍ୟାରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିବାରୁ ପୁରସ୍କୃତ ହୋଇଥିଲେ । ଡାକ୍ତର ଅନୁପ କୁମାର ଘୋଷଙ୍କୁ "ଲାଇଫ୍ ଟାଇମ୍ ଆୱାର୍ଡ ଇନ ଫ୍ୟାମିଲି ପ୍ଲାନିଂ ସର୍ଭିସ" ପ୍ରଦାନ କରାଯାଇଥିଲା । ଏହି ସଚେତନତା ସଭାରେ ଜିଲ୍ଲା ଓ ବ୍ଲକସ୍ତରୀୟ ମେଡିକାଲ ଅଫିସର, ବିପିଏମ, ପିଏଚଇଓ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ୧୯୮୪ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ଉତ୍ସବ ଜାରକାଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଫୁଲ୍ଲ ଶତପଥୀ ଓ ସୁଦୀପ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପ୍ରତିଭା ଦାଶ, ସୁବାସ ଦାସ, ଜାଫର ଅହମ୍ମଦ, ପ୍ରମୋଦ ଦାସ, ଅନିମା ଦାସ, ଚମ୍ପାବତୀ ସାମଲ, ପ୍ରଦ୍ୟୁମ୍ନ ନାୟକ, ବାଇଧର ମଲିକ, ଆଦିକନ୍ଦ ମହାଁ, ଆବେଦା ବେଗମ, ସାଇସ୍ତା ଜମାଲ, ଶୈଳବାଳା ରାଉତ, ସଂଜୀବ ସାମନ୍ତରାୟ, ଅମୀୟ ସ୍ୱାଇଁ, ଅବଦୁଲ ଆହଦ୍, ଚୈତନ୍ୟ ରାଉତ, ଅଭିମନ୍ୟୁ ପଣ୍ଡା, ରମାକାନ୍ତ ମୁଦୁଲି, ସମସୁଲ ହକ୍, ସଂଜୁଲତା ରାଉତ, ନିରଂଜନ ରାଉତ ପ୍ରମୁଖ ଯୋଗଦେଇ ଅତୀତର ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ ବାଣୀପୀଠର ପୁରାତନ ଶିକ୍ଷକ ଶୁକଦେବ ପତି ଓ ଅରୁଣ ରଂଜନ ପାଢୀଙ୍କୁ ପୁରାତନ ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅଶୋକ ଖୁଂଟିଆ ଧନ୍ୟବାଦ ଦେଇଥିଲେ।

# ସାହିତ୍ୟ ପତ୍ରିକା 'ବୋଉ' ଓ କବିତା ସଂକଳନ 'ଅନ୍ତିମ ଅଭିଳାଷ' ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): କୌଶଲ୍ୟା ସାହିତ୍ୟ ସଂସଦ ପରିଷଦ ପକ୍ଷରୁ ପ୍ରକାଶିତ ତ୍ରୟୋମାସିକ ସାହିତ୍ୟ ପତ୍ରିକା 'ବୋଉ' ଓ ଲେଖିକା ବୁନି ତ୍ରିପାଠୀଙ୍କ କବିତା ସଂକଳନ 'ଅନ୍ତିମ ଅଭିଳାଷ' ସ୍ଥାନୀୟ ୟୁନିଟ୍-୯ ସ୍ଥିତ ଜନକଲ୍ୟାଣ ଭବନଠାରେ ଲୋକାର୍ପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ସହିଦ୍ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସଂପାଦକ ବ୍ରଜବନ୍ଧୁ ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ, ସାହିତ୍ୟିକ ଡ. ଚିତରଂଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଓ ବରିଷ୍ଠ ସାମ୍ବାଦିକ ଡ. ଅସିତ୍ ଦାସ, ସମ୍ମାନିତ ଅତିଥି ଭାବେ ପ୍ରଫେସର ସ୍ତମ୍ଭକାର ନାରାୟଣ ମହାନ୍ତି ଯୋଗଦେଇ ସାହିତ୍ୟ ପତ୍ରିକା ବହୁ କଂଟକିତ ପଥ ଦେଇ ଅତିକ୍ରମ କରିବା ସହିତ ସାଧାରଣ ଜନତା ମା' ମାଟି ଓ ମାତୃଭାଷା ପାଇଁ ସମର୍ପିତ ମନୋଭାବ ସହ ଆଗେଇ ଆସନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ସମାଜରେ ସାହିତ୍ୟ ମାଧ୍ୟମରେ ବ୍ୟାପକ ପରିବର୍ତ୍ତନ ହୋଇପାରିବା ସହିତ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅନୁରକ୍ତି ଭାବ ବୃଦ୍ଧି ପାଇବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। 'ବୋଉ' ସଂପାଦକ ସଂଜୟ କୁମାର ଚୌଧୁରୀ କାର୍ଯ୍ୟକ୍ରମକୁ ସଂଯୋଜନା କରି ମତବ୍ୟକ୍ତ କରି କହିଥିଲେ ଯେ, ପତ୍ରିକାଟିଏ କରିବା ଅଧୁନା ସମୟରେ ବହୁ କଷ୍ଟସାଧ୍ୟ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ସାହିତ୍ୟିକ ଡ. ଚିତରଂଜନ ମହାନ୍ତି, ସରୋଜ କୁମାର ସେଠୀ, ଭାସ୍କର ଚନ୍ଦ୍ର ବେଦାନ୍ତ ପ୍ରମୁଖଙ୍କୁ ଧନ୍ୟବାଦ ଦିଆଯିବା ସହ ଅତିଥି ପରିଚୟ ଓ ଧନ୍ୟବାଦ ସହ-ସଂପାଦକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ପ୍ରଦାନ କରିଥିଲେ।

# ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ପ୍ରତିବାଦ

ଭୁବନେଶ୍ୱର (ପିଏନ୍): ଏସ୍.ଏଫ୍.ଆଇ. ଓ ଡି.ୱାଇ.ଏଫ୍.ଆଇ. ତରଫରୁ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ କେନ୍ଦ୍ର ସରକାରଙ୍କର ଜନବିରୋଧୀ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ପ୍ରତିବାଦ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ପ୍ରତିବାଦ ପୂର୍ବରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ମହାତ୍ମାଗାନ୍ଧୀ ମାର୍ଗରେ ଏକ ପଟୁଆର ପରିକ୍ରମା କରି ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡି.ୱାଇ.ଏଫ୍.ଆଇ.ର ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ଏସ୍.ଏଫ୍.ଆଇ. ଛାତ୍ରନେତା ଶୁଭ୍ରାଂଶୁ ଉଦ୍‌ଗାତା, ଡି.ୱାଇ.ଏଫ୍.ଆଇ. ଭୁବନେଶ୍ୱର ନେତା ଭାଗିରଥୀ ପ୍ରଧାନ, ମନ୍ମଥ ସାହୁ, ସୁନୀଲ ଗୌଡ଼, ରତ୍ନାକର ପାତ୍ର, ପ୍ରାକ୍ତନ ଛାତ୍ରନେତା ପ୍ରଦୀପ୍ତ ନାୟକ, ପ୍ରାକ୍ତନ ଡି.ୱାଇ.ଏଫ୍.ଆଇ. ନେତା ପ୍ରଭାତ ପାଣିଗ୍ରାହୀ, ବସନ୍ତ ସାହୁ ପ୍ରମୁଖ କେନ୍ଦ୍ର ସରକାରଙ୍କର ଯୁବ ବିରୋଧୀ ନୀତିକୁ ତୀବ୍ର ନିନ୍ଦା କରିଥିଲେ। କହିଥିଲେ ବର୍ଷକୁ ୨ କୋଟି ନିଯୁକ୍ତି ଦେଇ ପାରିନଥିବା ପ୍ରଧାନମନ୍ତ୍ରୀ ଏବେ ଅଗ୍ନିପଥ ଯୋଜନା ନାଁରେ ୪ ବର୍ଷିଆ ଠିକା ନିଯୁକ୍ତି ଘୋଷଣା ଦେଶ ବିରୋଧୀ କାର୍ଯ୍ୟକଳାପକୁ ଦର୍ଶାଉଛି। ସରକାର ପେନସନ୍ ବାତିଲ କରିବା ସହ ପ୍ରକାରାନ୍ତରେ ୪ ବର୍ଷିଆ ନିଯୁକ୍ତି ଦେଇ ଏକ ବେସରକାରୀ ସାମରିକ ଗୁଣ୍ଡାବାହିନୀ ତିଆରି କରିବାକୁ ଯୋଜନା ନେଇଛନ୍ତି। ଏହା ଦେଶର ଭାଇଚାରା ଓ ସାର୍ବଭୌମତ୍ୱକୁ ନଷ୍ଟ କରିବ। ତେଣୁ ସରକାର ଏହି ଯୋଜନାକୁ ପ୍ରତ୍ୟାହାର କରିବା ସହ ସେନାବାହିନୀରେ ସ୍ଥାୟୀ ନିଯୁକ୍ତି ଦେବା ସହ କେନ୍ଦ୍ର ସରକାରୀ ଦପ୍ତରରେ ଖାଲିଥିବା ସମସ୍ତ ପଦବୀ ପୂରଣ କରିବାକୁ ବକ୍ତାମାନେ ଦାବି କରିଛନ୍ତି।

# ରାଜ୍ୟର ପନିପରିବା ଉତ୍ପାଦନକାରୀ ଚାଷୀଙ୍କ ସମସ୍ୟାଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ କିଷାନ କଂଗ୍ରେସର ଦାବୀ

ଭୁବନେଶ୍ୱର (ପିଏନ୍)-ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କିନ୍ତୁ ଧାନଚାଷକୁ ଛାଡ଼ିଦେଲେ ଅନ୍ୟାନ୍ୟ ଅର୍ଥକରୀ ଚାଷରେ ଓଡ଼ିଶା ପଛୁଆ। ଚାଷୀଙ୍କ ଆଗ୍ରହ ସୁନା ଥିଲେ କାନ ନାହିଁ, କାନ ଥିଲେ ସୁନା ନାହିଁ ପରି ଅନେକ ପ୍ରାକୃତିକ ସମ୍ବଳର ସୁଯୋଗ ଥାଇ ମଧ୍ୟ ବର୍ତ୍ତମାନ ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଆଜି ଓଡ଼ିଶା ଆନ୍ଧ୍ର, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟ ଉପରେ ଆଳୁ, ପିଆଜ, ଫୁଲ, ମାଛ, ଅଣ୍ଡା ପ୍ରଭୃତି ଉପରେ ନିର୍ଭର କରୁଛି। ସରକାର କୃଷି କର୍ମଣ ପୁରସ୍କାର ପାଉଛନ୍ତି। ଗୋଟିକ ପରେ ଗୋଟିଏ କୃଷି ଯୋଜନାର ସ୍ୱପ୍ନ ଚାଷୀଙ୍କୁ ଦେଖାଉଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ କୌଣସି ଏକ ଦୀର୍ଘସ୍ଥାୟୀ କୃଷି ଭିତ୍ତିଭୂମିମୂଳକ ବ୍ୟବସ୍ଥା କରାଗଲା ନାହିଁ। ଆଳୁ ମିଶନ ଓ ପିଆଜ ମିଶନ୍ ଫେଲ୍ ମାରିଛି। କେନ୍ଦ୍ରରେ ପୂର୍ବରୁ ଥିବା ୟୁପିଏ ସରକାର ଜାତୀୟ ଉଦ୍ୟାନ କୃଷି ମିଶନ ଓ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରଭୃତି କାର୍ଯ୍ୟକାରୀ କରିଥବା ବେଳେ ଉଦ୍ୟାନ ବିଭାଗର ତୃଟିପୂର୍ଣ୍ଣ ନିଷ୍ପତ୍ତି ଓ ଚାଷୀଙ୍କ ପ୍ରତି ଖାମଖିଆଲ ଯୋଗୁଁ ଏହା ବିଶେଷ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏପରିକି ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସୁ-ବିପଣନ, ସଂଗ୍ରହ ଓ ସଂରକ୍ଷଣ, ରପ୍ତାନୀ, ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଏହାର ସୁଫଳ ମିଳିନାହିଁ। ଚାଷୀ ପନିପରିବା ଚାଷ କରିବାକୁ ପୂର୍ବ ତୁଳନାରେ ଏବେ ଅଧିକା ଆଗ୍ରହୀ। କିନ୍ତୁ ସରକାରଙ୍କ ଚରମ ଅବହେଳା ଓ ଦଲାଲ ବେପାରୀମାନଙ୍କ କବ୍ଜାରେ ପନିପରିବା ଚାଷୀ ବହୁ କ୍ଷତିଗ୍ରସ୍ତ। ପନିପରିବା କ୍ଷତି ହେବାରେ ମଧ ମାଙ୍ଗଡ଼ ଉପଦ୍ରବ ଏକ କାରଣ। ଏହାର ପ୍ରତିକାର ପାଇଁ ମଧ ସରକାର ନୀରବଦ୍ରଷ୍ଟା। ପୂର୍ବରୁ ଥିବା ଶୀତଳଭଣ୍ଡାରଗୁଡ଼ିକ ଏବେ ଅଚଳ। ନିକଟ ଅତୀତରେ ସରକାର ଯେଉଁ କେତୋଟି ଶୀତଳଭଣ୍ଡାର ରାଜକୋଷ ଅର୍ଥରେ ନିର୍ମାଣ କରିଛନ୍ତି ତାହା କାର୍ଯ୍ୟକାରୀ କରୁନାହିଁ। ପନିପରିବା ଉତ୍ପାଦନ ଓ ସାଇତି ରଖିବାରେ ବିଜୁଳି କର ଚାଷୀର ମୁଣ୍ଡରେ ଚଢ଼କ ପଡୁଛି। ଦୀର୍ଘ ୨୨ ବର୍ଷ ମଧରେ ରାଜ୍ୟ ବିଜେଡ଼ି ସରକାର ଅଣଧାନ ଅର୍ଥକରୀ ଚାଷ ପ୍ରତି ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ତେଣୁ ଅବିଳମ୍ବେ ରାଜ୍ୟ ସରକାର ରାଜ୍ୟର ଚାହିଦା ଅନୁଯାୟୀ ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ପନିପରିବା ଉତ୍ପାଦନ ଅଞ୍ଚଳର ସଂପ୍ରସାରଣ, ସୁ-ବିପଣନ, ରୋଗପୋକ ପରିଚାଳନା, ସଂଗ୍ରହ, ସଂରକ୍ଷଣ, ରପ୍ତାନୀ, ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତି କରଣ ୟୁନିଟ୍, ଜିଲ୍ଲାୱାରୀ ଅଞ୍ଚଳ ଭିତ୍ତିରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବାକୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କଂଗ୍ରେସ ଦଳ ତରଫରୁ ସରକାରଙ୍କ ନିକଟରେ ଦୃଢ଼ଦାବୀ କରିଛନ୍ତି। ଯଦି ଏହାର ଆଶୁ ସମାଧାନ କରା ନ ଯାଏ କିଷାନ କଂଗ୍ରେସ ପକ୍ଷରୁ କୃଷି ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ଯଶସ୍ୱୀ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜୟନ୍ତୀ ସମାରୋହ



କେନ୍ଦ୍ରାପଡ଼ା (ପିଏନ୍): ଜନତାଙ୍କ ସେବା କରିବା ପାଇଁ ନିଷ୍ଠା, ଆନ୍ତରିକତା ଓ ପ୍ରତିବଦ୍ଧତା ଥିଲା ବିଶିଷ୍ଟ ରାଜନେତା, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଭାଗବତ ପ୍ରସାଦ ମହାନ୍ତିଙ୍କ ପାଖରେ ବୋଲି ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଆୟୋଜିତ ଯଶସ୍ୱୀ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜନ୍ମଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ କହିଛନ୍ତି। ସ୍ୱର୍ଗତଃ ମହାନ୍ତିଙ୍କର ମୂଲ୍ୟବୋଧ ଭିତ୍ତିକ ରାଜନୀତି ପ୍ରତି ପ୍ରତିବଦ୍ଧତା ଥିଲା। ମଣିଷକୁ ମଣିଷ ପରି ଗଢ଼ିତୋଳିବାକୁ ଭାଗବତବାବୁ ବିଭିନ୍ନ ଅନୁଷ୍ଠାନ ଗଢ଼ିତୋଳି ଥିଲେ। ତାଙ୍କର ସେହି ଆଦର୍ଶ ଓ ଲକ୍ଷ୍ୟର ସ୍ୱପ୍ନକୁ ପୂରଣ କରିବା ପାଇଁ ଆମକୁ ସମୟ ଏବଂ ସୁଯୋଗର ସଦ୍‌ଉପୋଯୋଗ କରିବାକୁ ପଡ଼ିବ ବୋଲି ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ତପନ କୁମାର ପତି କହିଥିଲେ ଯେ ଭାଗବତ ବାବୁ ଥିଲେ କେନ୍ଦ୍ରାପଡ଼ାର ଅର୍ଦ୍ଧଶତାବ୍ଦୀର ଇତିହାସ। ତାଙ୍କ ନିକଟରେ ମାନବୀୟ ମୂଲ୍ୟବୋଧ ଭରି ରହିଥିଲା। ସେ ଥିଲେ ସ୍ମୃତିର ସୌଧ, କେନ୍ଦ୍ରାପଡ଼ାର ଗାନ୍ଧୀ। ତାଙ୍କର ଦୃଢ଼ତା,




ସ୍ପଷ୍ଟବାଦିତା, ସାଧୁତା ଓ ସଚ୍ଚୋଟତା ପାଇଁ ସେ ଲୋକଙ୍କ ପାଖରେ ଆଜିବି ଚିରସ୍ମରଣୀୟ ହୋଇ ରହିଛନ୍ତି। ସେ କେବଳ ରାଜନେତା ନଥିଲେ ଥିଲେ ରାଷ୍ଟ୍ରନେତା ବୋଲି ମୁଖ୍ୟବକ୍ତା ଶ୍ରୀ ପତି କହିଥିଲେ। ଟ୍ରଷ୍ଟର ସଦସ୍ୟ ଫକିର ଚରଣ ଖଟୁଆ ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ସଞ୍ଚାଳନ କରିଥିଲେ। ସ୍ୱର୍ଗତଃ ଭାଗବତବାବୁ ଥିଲେ ଜଣେ ଦକ୍ଷ ରାଜନୀତିଜ୍ଞ, ଶିକ୍ଷାବିତ, ଅନେକ ଅନୁଷ୍ଠାନର ସ୍ରଷ୍ଟା, କେନ୍ଦ୍ରାପଡ଼ା ରାଜନୀତିର ଭୀଷ୍ମପିତାମହ, କେନ୍ଦ୍ରାପଡ଼ାର ଗୌରବ, ଅପ୍ରତିଦ୍ୱନ୍ଦ୍ୱୀ ରାଜନେତା, ବିଶିଷ୍ଟ ସମାଜବାଦୀ ନେତା, କେନ୍ଦ୍ରାପଡ଼ାର ବାଇମୁଣ୍ଡି, ସ୍ୱକ୍ରୀୟ ପ୍ରତିଭା ବଳରେ ଇତିହାସକୁ ବଦଳେଇ ଦେଉଥିବା ନେତୃତ୍ୱ, ସ୍ୱଚ୍ଛତା, ସାଧୁତା, ସମୟାନୁବର୍ତ୍ତୀତାର ମୂର୍ତ୍ତିମନ୍ତ ପ୍ରତିକ ତଥା ସ୍ୱଚ୍ଛ, ନିଷ୍କପଟ ଓ ସତ୍ୟବାଦୀ ଭାବେ ରାଜନୀତିରେ ଜଣେ ଧୁରୀଣ ନେତା ଭାବରେ ସାରା ଓଡ଼ିଶାରେ ତାଙ୍କର ଥିଲା ସ୍ୱତନ୍ତ୍ର ସ୍ଥାନ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, କବୟତ୍ରୀ ଡଃ. ଅପର୍ଣ୍ଣା ମହାନ୍ତି, ପ୍ରାକ୍ତନ ମାର୍ଶାଘାଇ ମହାବିଦ୍ୟାଳୟର ଅଧକ୍ଷ ଡଃ. ଅମୀୟ କୁମାର ଜେନା ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ବିଶିଷ୍ଟ ସମବାୟବିତ ପ୍ରମୋଦ ସାହୁ, ଅଧ୍ୟାପକ ଅଜୟ ରାଉତ, ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ହଳଧର ସେଠୀ, ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି, କେନ୍ଦ୍ରାପଡ଼ା ଅର୍ବାନକୋପରେଟିଭ ବ୍ୟାଙ୍କର ପୂର୍ବତନ ସିଇଓ ସୁଶିଲ କୁମାର ସାମଲ, ବିଜେଡି ନେତା ଭଜକୃଷ୍ଣ ରାଉତ, 'ସ୍ୱାଧୀକାର' ସମ୍ପାଦକ ଅକ୍ଷୟ କୁମାର ପତି, ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ସାହୁ, ଗୋପାଳ ମାହାଲିକ, ସିପିଆଇ ନେତା ବାବାଜୀ ଧଳ, ବରିଷ୍ଠ ସାମ୍ବାଦିକ ପରିକ୍ଷୀତ ପାତ୍ର,, ଡା. ବିଶ୍ୱପ୍ରକାଶ କାନୁନଗୋ, ପ୍ରଫେସର କୁଞ୍ଜବିହାରୀ ପଣ୍ଡା, ବିଧୁଭୂଷଣ ମହାପାତ୍ର, ମହେନ୍ଦ୍ର ପରିଡ଼ା, ଗୋପାଳକୃଷ୍ଣ ଜେନା, ରଶ୍ମୀରଞ୍ଜନ ଚୌଧୁରୀ, ରତିକାନ୍ତ କାନୁନଗୋ, ମହମ୍ମଦ ଆକବର ଅଲ୍ଲୀ, ଯୁବ ବିଜେଡି ଜିଲ୍ଲା ସଭାପତି ରାଜେଶ ଦାସ, ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, କରୁଣାକର ଦାସ, ପ୍ରାକ୍ତନ ନଗରପାଳ ଧିରେନ ସାହୁ, ଶ୍ରୀକାନ୍ତ ନାୟକ, ପ୍ରଫୁଲ୍ଲ ସାହୁ, କବୟିତ୍ରୀ ବୀଣାପାଣୀ ଚୌଧୁରୀ, ସମାଜସେବୀ ଗାୟତ୍ରୀ ମହାନ୍ତି, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ମୁକ୍ତାର ଖାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବାରୋ ଭାବଗ୍ରାହୀ କଳାନିକେତନର ଶିଳ୍ପୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଟ୍ରଷ୍ଟି ବସନ୍ତ କୁମାର ସେଠୀ ବିବରଣୀ ପ୍ରଦାନ କରିଥିବା ବେଳେ ଶରତ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ସରପଞ୍ଚଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ରେମୁଣା ବଡ଼ପାଳ ପଞ୍ଚାୟତର ସରପଞ୍ଚ ତଥା ଓଡ଼ିଶା ସେବା ସଂଗଠନର ଅଧକ୍ଷ ଇଂ. କମଳଲୋଚନ ପଣ୍ଡାଙ୍କ ଜନ୍ମଦିନ ଉପଲକ୍ଷେ ସେବା ସଂଗଠନ ଓଡ଼ିଶା ଓ 'ସମ୍ବାଦ-ଆମ ଓଡ଼ିଶା' ମିଳିତ ସହଯୋଗରେ ବାଙ୍କତିରା ସ୍କୁଲରେ ଏକ ସ୍ୱେଚ୍ଛାକୃତ ରକ୍ତ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ମହେଶ କୁମାର ବିଶ୍ୱାଳ ଓ ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଉମେଶ ଚନ୍ଦ୍ର ପତୀ ମିଳିତ ଭାବେ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ବେଣୁଧର ଜେନା, ସମାଜସେବୀ ଉଜ୍ଜ୍ୱଳ କୁମାର ଜେନା ଯୋଗ ଦେଇ ଶ୍ରୀ ପଣ୍ଡାଙ୍କୁ ଜନ୍ମଦିନରେ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ନିରାମୟ ଜୀବନ କମନା କରିଥିଲେ। ଡାକ୍ତର ବିଶ୍ୱାଳ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରିକ୍ଷା କରିଥିବା ବେଳେ ଟେକ୍ନିସିଆନ ଦେବାଶିଷ ଦତ୍ତ ଓ ଜଗତଜ୍ୟୋତି ତ୍ରିପାଠୀ ସହଯୋଗୀ ମନୋରଞ୍ଜନ ଦାସ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୪୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ସଂଗଠନର ଜିଲ୍ଲା ସଭାପତି ସରୋଜ କୁମାର ସାହୁ, ସଂପାଦକ ଶଶୀକାନ୍ତ ବାରିକ, ବିଜୟ କିଶୋର ପଡ଼ିଆରୀ, ମନୋଜ କୁମାର ରାଉତ, ଜଗଦେବ ପଣ୍ଡା, ଅମର ଜେନା, କ୍ରିତିକ୍ କୁମାର ବିନ୍ଧାଣୀ, ଜୟନ୍ତ ପଡ଼ିଆରୀ, ଜୀବନ ଜେନା, ସୁନିଲ ଦଳେଇ, ଚନ୍ଦନ ଜେନା, ତାପସ ସାମଲ, ରଘୁନାଥ ଜେନା, ଗୌରୀଶଙ୍କର ଜେନା, ବିଘ୍ନେଶ୍ୱର ଜେନା, 'ଆମ ଓଡ଼ିଶା' ସହଯୋଗୀ ଲକ୍ଷ୍ମୀଧର ବାରିକ ଓ ବାଙ୍କତିରା ଗ୍ରାମବାସୀ ଶିବିରକୁ ପରିଚାଳନା କରିଥିଲେ।

# ଡାକ୍ତର ଦେବେନ୍ଦ୍ର ଜେନାଙ୍କ ଶ୍ରାଦ୍ଧବାର୍ଷିକୀ



ଧର୍ମଶାଳା (ପିଏନ୍): ଜାରକା ସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଯାଜପୁର ଜିଲ୍ଲାର ପୂର୍ବତନ ସିଡିଏମଓ ଡାକ୍ତର ଦେବେନ୍ଦ୍ର କୁମାର ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଂଜଳି ସଭାରେ ଧର୍ମଶାଳା ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନା, କୃଷକ ନେତା ବସନ୍ତ କୁମାର ପରିଡ଼ା, ସାମାଜିକ କର୍ମୀ କାହ୍ନୁ ଚରଣ ଦାଶ, ଶିକ୍ଷାବିତ ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ଡା. ଜେନାଙ୍କ ରୋଗୀସେବା ଓ ଲୋକସଂପର୍କ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତଃ ଜେନା ଧର୍ମଶାଳା ଅଂଚଳର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାବେ ଯୋଗଦେଇ ରୋଗୀଙ୍କ ସେବାରେ ନିଜକୁ ନିୟୋଜିତ କରି ଜନସାଧାରଣଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗଳ ଦାସ, ମଦନମୋହନ ପଣ୍ଡିତ, ଗୋବିନ୍ଦ ସାହୁ, ଅଖିଳ କୁମାର ସ୍ୱାଇଁ, ଭିକାରୀ ମଲିକ, ଡ. ଚନ୍ଦ୍ରକାନ୍ତ ମହାନ୍ତି, ଗୋଲକ ଚନ୍ଦ୍ର ପଲେଇ, ନାରାୟଣ ମଲିକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଡାକ୍ତର ଜେନାଙ୍କ ପୁତ୍ର ଡା. ସନ୍ତୋଷ କୁମାର ଜେନା, ପୁତ୍ରବଧୂ ଡା. ସ୍ମିତାରାଣୀ ନାୟକ ନିମନ୍ତ୍ରିତ ଅତିଥିମାନଙ୍କୁ ସାଧୁବାଦ ଜଣାଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com

# ମୋ ସହର

## ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଲସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

## ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତ୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ୱୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

### ଚାରା ରୋପଣ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କଲେ ଜିଲ୍ଲାପାଳ

ନୂଆପଡ଼ା ,(ପି.ଏନ): ନୂଆପଡା ଜିଲ୍ଲାପାଳ ହେମକାନ୍ତ ସାଏ ଆଜି ବୋଡ଼େନ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି। କାର୍ଲକୋଟ ପଞ୍ଚାୟତର କିରେକିଲାରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଖଇରା ପଞ୍ଚାୟତ ଅମେରା ଗାଁର ମୋଡେଲ ଟ୍ୟାଙ୍କ ଦେଖିବା ସହ ଖଇରା ଜନଶକ୍ତି ଉଚ୍ଚ ବିଦ୍ୟାଳୟର ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିଲେ । ସେହିପରି ସୁନାପୁର ପଞ୍ଚାୟତର କେଶରାଜପୁର ଠାରେ ପାର୍କ କାର୍ଯ୍ୟକୁ ଦେଖିଥିବା ବେଳେ ସୁନାପୁର ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ତଦାରଖ କରିଥିଲେ । ପଞ୍ଚାୟତର ଗୋଦାମ ଗୃହ ଏବଂ ସ୍ଥାବର ସମ୍ପତି ବୃଦ୍ଧି ନେଇ ଆହ୍ୱାନ କରିଛନ୍ତି । ଏହି ଗସ୍ତରେ ବୋଡ଼େନ ବ୍ଲକ ଅଧ୍ୟକ୍ଷା ପ୍ରେମସିଲା ନାଗ, ବ୍ଲକ ଉପାଧ୍ୟକ୍ଷା ସଙ୍ଗୀତା ମାଝୀ ପାତ୍ର, ବୋଡ଼େନ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ,ଏଇଇ ଏସ କେ ପାତ୍ର, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା, ଯନ୍ତ୍ରୀ ସୁରେନ୍ଦ୍ର ଟୁଡ୍ଡୁ, ଏ ପି ଓ ରବି ନାରାୟଣ ରାଉତ, ସୁନାପୁର ସରପଞ୍ଚ ମୁକ୍ତା ରାଉତ ଗ୍ରାମୀଣ ରୋଜଗାର ଭଦ୍ରାବତୀ ଜଗତ,ପଞ୍ଚାୟତ ଅଧିକାରୀ ପ୍ରଦୀପ ଠାକୁର ଏବଂ ଖଇରା ସରପଞ୍ଚ କୈଳାଶ ଦଲ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଯନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ୍ଯ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉସ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

## ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି। ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା। ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି। ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି। ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି। ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ



କରାଯାଉନାହିଁ। ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି। ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ୍ୟ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି। ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି। ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧ୍ୟରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ନେଇ ଗର୍ଜିଲା ବିଜେପି ମହିଳା ମୋର୍ଚ୍ଚା

ସମ୍ବଲପୁର ,(ପି.ଏନ): ସ୍ୱାଧୀନତାର ୭୫ବର୍ଷ ରେ ପଦାର୍ପଣ ଓ ରାଜ୍ୟରେ ନିରନ୍ତର ଓ ନିରଙ୍କୁଶ ଭାବରେ ୨୨ ବର୍ଷ ଶାସନ କଲାପରେ ମଧ ରାଜ୍ୟବାସୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ । ୫ଟି ର ଅଦୃଶ୍ୟ ବିଭାଗର ପ୍ରଚାର ପ୍ରସାର ଏବଂ ବିଜ୍ଞାପନରେ ସରକାର ଙ୍କ ସଫଳତା ଓ ବହାଦୁରୀର ମିଛ ଡିମଡ଼ିମୀ ପିଟିବାରେ ସରକାର ବ୍ୟସ୍ତ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଶୁଦ୍ଧ ପାନୀୟ ଜଳଯୋଗାଣ ଭଳି ସାଧାରଣ ଓ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବାରେ ବିଫଳ ଏ ଅହଙ୍କାରୀ ସରକାର । ନାହିଁ ନାହିଁ ରେ ଚାଲିଛି ରାଜ୍ୟ ର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା, ତହିଁ ଉପରେ ଦୁର୍ନୀତି, ଭ୍ରଷ୍ଟାଚାର, ରୋଗୀ ନିର୍ଯ୍ୟାତନା କଟା ଘା ରେ ଲୁଣ ସଦୃଶ ସାଜିଛି । ରାଜ୍ୟ ର ସ୍ୱାସ୍ଥ୍ୟ ବିଭାଗ ନିଜେ କୋମା ରେ ପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କୁ ନେଇ ଆଜି ସମ୍ବଲପୁର ବିଜେପି ମହିଳା ମୋର୍ଚ୍ଚା ଘେରିଛି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ କାର୍ଯ୍ୟାଳୟ । ବିଜେପି ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦିକା ପ୍ରଭାସିନୀ ଦାଶ ଙ୍କ ନେତୃତ୍ୱରେ ଆଜି ମହିଳା କର୍ମୀମାନେ ସି.ଡି.ଏମ.ଓ ଙ୍କ କୋଠରୀ ସମ୍ମୁଖରେ ଧାରଣା ଦେଇଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱ ନିର୍ବାହନ କରୁଥୁବା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ଦାସ କାର୍ଯ୍ୟାଳୟ କୁ ପହଂଚି ଆନ୍ଦୋଳନକାରୀ ଙ୍କ ସହ ଆଲୋଚନା କରିଥିଲେ । ପ୍ରାୟ ଅଧଘଂଟା ରୁ ଅଧିକ ସମୟ ଧରି ହୋଇଥିବା ଆପତି ଅଭିଯୋଗ ଓ ଆଲୋଚନା ରେ ବହୁ ପ୍ରସଙ୍ଗ ଉତ୍ଥାପନ କରିଥିଲେ ଆନ୍ଦୋଳକାରୀ ।ବିଶେଷ କରି ପ୍ରସୂତି ବିଭାଗ ରେ ପ୍ରସୂତି ମହିଳା ଓ ପରିଜନଙ୍କୁ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ଙ୍କ ଦ୍ୱାରା କରାଯାଉଥୁବା ଅକଥନୀୟ ଆର୍ଥିକ ଅତ୍ୟାଚାର । ବିଭିନ୍ନ ସମୟରେ ନିୟମିତ ଚେକଅପ ସମୟରେ ଗର୍ଭବତୀ ମହିଳାମାନଙ୍କୁ ଅଲ୍ଟ୍ରାସାଉଣ୍ଡ ପାଇଁ ୫୦୦ ଟଙ୍କା ଲେଖାଏଁ ମାଗିବା, ପ୍ରସୂତି ପାଇଁ ଆସୁଥିବା ଗର୍ଭବତୀ ମହିଳାମାନଙ୍କୁ ଡେଲିଭରି ସମୟରେ ଡାକ୍ତର ନର୍ସ ଟଙ୍କା ମାଗିବା, ମିଠା ଖାଇବା ପାଇଁ ଟଙ୍କା ମାଗିବା, ଡିସଚାର୍ଜ ସମୟରେ ଟଙ୍କା ମାଗିବା, ବିଭିନ୍ନ ସ୍ଥାନରେ କିଛି ଅସାଧୁ ଆଶା କର୍ମୀ ପ୍ରସୂତି ମହିଳାମାନଙ୍କୁ ଟଙ୍କା ମାଗିବା ଭଳି ଅନେକ ଗୁରୁତର ଅଭିଯୋଗ ଆଣିଥିଲେ ଆନ୍ଦୋଳନକାରୀ । ଏଭଳି ଅସାଧୁ, ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟାଚାରୀ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ । ସରକାରଙ୍କ ପକ୍ଷରୁ ମାଗଣା ଔଷଧ ବଂଟନ କରଯାଉଛି ବୋଲି ସରକାର ବହାଦୁରୀ ମାରୁଛନ୍ତି, କିନ୍ତୁ ଅଧିକାଂଶ ସମୟରେ ରୋଗୀ ଙ୍କୁ ମାଗଣା ଔଷଧ ମିଳୁନାହିଁ । ସରକାର ଙ୍କ ତାଲିକାଭୁକ୍ତ ଔଷଧ ଗୁଡିକ ମଧ୍ୟରୁ ଅଧିକାଂଶ ଔଷଧ ଷ୍ଟକ ରେ ନାହିଁ ବୋଲି କୁହାଯାଉଛି, ତେଣୁ ରୋଗୀ ବାହାରୁ ଔଷଧ କିଣିବାକୁ ବାଧ ହେଉଛି । ସେ ସମସ୍ୟା ର ଶୀଘ୍ର ଓ ସ୍ଥାୟୀ ସମାଧାନ କରିବା ପାଇଁ ଦାବୀ କରିଥିଲେ । ଜିଲ୍ଲାରେ ଖାଲି ପଡିଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ଙ୍କ ପଦବୀ ପୂରଣ କରିବା, ଖରାପ ହୋଇ ପଡିରହିଥିବା ଆମ୍ବୁଲାନ୍ସ ଗୁଡିକୁ ଶୀଘ୍ର ମରାମତି କରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଦାବୀ କରିଥିଲେ ଆନ୍ଦୋଳନକାରୀମାନେ । ଆଜିର ଏହି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ରୁନୁ ପ୍ରଧାନ, ଆରତୀ ବରାଡ଼, ସଲୀଳା ପଣ୍ଡା, ଭବାନୀ ଦୁସର, ରିଙ୍କି ସାହୁ, ଅନୁସୟା ସାମଲ, ମିନତୀ ବହିଦାର, ସୁମୀ ପରିଡା, ଟିକି ପ୍ରଧାନ, ନିମି ମୁଣ୍ଡା ଜିଲ୍ଲା ସଭାପତି ଗିରିଷ ପଟେଲ, ମାନସ ରଞ୍ଜନ ବକ୍ସି, ଅଶ୍ୱିନୀ ମାଝୀ, ପ୍ରଦୀପ ବେହେରା, ସୁଦୀପ ପରିଡା, ଟୁକୁ ମହାନ୍ତି ପ୍ରମୁଖ ସାମିଲ ଥିଲେ ।

## ରଥଯାତ୍ରାରେ ଭକ୍ତ ବଡ଼ଦାଣ୍ଡରେ ଶୋଇଲେ ମନକଷ୍ଟରେ ଫେରିଲେ

ପୁରୀ, (ପି.ଏନ): ଚଳିତବର୍ଷ ରଥଯାତ୍ରାରେ ବାର ଦିନ ଭିତରେ ପ୍ରାୟ ୪୦ ଲକ୍ଷ ଭକ୍ତ ପୁରୀ ଆସିଥିଲେ । ଭକ୍ତଙ୍କ ଖାଇବା ପାଇଁ ଅନେକ ମାଗଣା ଭୋଜନ କେନ୍ଦ୍ର ଖୋଲିଥିଲା । ଭକ୍ତମାନେ ଖାଦ୍ୟ ଖାଇ ସନ୍ତୁଷ୍ଟ ହୋଇଥିଲେ । ସେହିପରି ରହିବା ଭକ୍ତମାନେ ରହିବା ପାଇଁ କୌଣସି ବ୍ୟବସ୍ଥା ପ୍ରଶାସନ ପକ୍ଷରୁ ହୋଇନଥିବାରୁ ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ଝିପି ଝିପି ବର୍ଷାରେ ବସିଥିବା ଦେଖିବାକୁ ମିଳିଥିଲା । ଶରଧାବାଲିରେ ଭକ୍ତମାନେ ଶୋଇ ବସି ଦିନ କାଟୁଥିଲେ । ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ଥିବା ଘରର ବାରଣ୍ଡାରେ ଭକ୍ତମାନେ ଆଶ୍ରୟ ନେଇଥିଲେ । କୋଟି କୋଟି ଟଙ୍କା ଖର୍ଚ୍ଚ କରି ହବିଷ୍ୟାଳି କେନ୍ଦ୍ର ନିର୍ମାଣ ହୋଇଥିଲେ ମଧ ସେଠାରେ ପୋଲିସମାନେ ରହୁଥିବା ଦେଖିବାକୁ ମିଳିଥିଲା । ମାନ୍ୟବର ସୁପ୍ରିମକୋର୍ଟ ୬୦ ହଜାର ଭକ୍ତ ରହିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ । ଟାଉନଥାନା ପଡ଼ିଶା ଓ ଅନ୍ନପୂର୍ଣ୍ଣା ଥିଏଟର ନିକଟରେ ଦୁଇଟି ଭକ୍ତ ନିବାସ ଏବଂ ଗୁଣ୍ଡିଚା ଘର ନିକଟରେ ଗୋଟିଲ ଭକ୍ତ ନିବାସ ରହିଛି । ଯାହାର ରୁମ ସଂଖ୍ୟା ୫୦୦ରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ ଗରିବ ଭକ୍ତ ସେଠାରେ ରହିପାରିନଥିଲେ । କେବଳ ସରକାରୀ କର୍ମଚାରୀ ଓ ଶ୍ରୀମନ୍ଦିର ସମ୍ପର୍କୀୟ ଅତିଥିମାନେ ରହିଥିବା ଦେଖିବାକୁ ମିଳିଥିଲା । ଗରିବ ଭକ୍ତମାନେ ବଡ଼ଦାଣ୍ଡରେ ଶୋଇଥିବା ବେଳେ ଅନେକ ସ୍ଥାନରେ ମୋବାଇଲ ଓ ଟଙ୍କା ଲୁଟ ହେବାରୁ ଭକ୍ତ ମନ ଦୁଃଖରେ ଟଙ୍କା ମାଗି ଘରକୁ ଫେରିଥିବା ଦେଖିବାକୁ ମିଳିଥିଲା।




Bhubaneswar Friday July 15, 2022 ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୧୫,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ପାରାଦୀପରେ ବାଲି ମାଫିଆ ସକ୍ରିୟ: ଲୁଟ୍ ହେଉଛି ଲୁଣା ବାଲିଟିକିରା-କ୍ଷତିଗ୍ରସ୍ତ ହେବେ ଉପକୂଳବାସୀ



ପାରାଦୀପ,(ପି.ଏନ): ସମୁଦ୍ର ଉପକୂଳରେ ଥିବା ଲୁଣା ଜଙ୍ଗଲ ଓ ବାଲି ଟିକିରା ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା ଓ ସୁନାମି ସମୟରେ ଉପକୂଳବାସୀଙ୍କୁ ସୁରକ୍ଷା ଦେଇଥାଏ । ଉପକୂଳବାସୀଙ୍କ ପାଇଁ ଏହା ସୁରକ୍ଷା କବଚ ହୋଇ ଠିଆ ହୋଇଥାଏ ଏହି ବାଲି ଟିକିରା (ବାଲୁକା ସ୍ତୁପ) । ଏହି ବାଲି ଟିକିରା ୧୯୯୯ ମସିହା ମହାବାତ୍ୟା ଠାରୁ ଏପର୍ଯ୍ୟନ୍ତ ହୋଇଥିବା ବାତ୍ୟା,ସାମୁଦ୍ରିକ ଝଡରେ ପାରାଦୀପ ଠାରୁ ଏରସମା ପର୍ଯ୍ୟନ୍ତ ଅଂଚଳବାସୀଙ୍କୁ ସୁରକ୍ଷା ଦେଇଆସିଛି । ପାରାଦୀପ ଠାରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ବିସ୍ତିର୍ଣ୍ଣ ଅଂଚଳକୁ ସୁରକ୍ଷା ଦେଇଥିବା ଜଙ୍ଗଲ ଓ ବାଲି ଟିକିରା ଆଉ ଦେଖିବାକୁ ମିଳୁନାହିଁ । କାଠ ମାଫିଆମାନେ ଜଙ୍ଗଲ ଲୁଟ୍ କରିସାରିବା ପରେ ଏବେ ପାଳି ବାଲି ମାଫିଆମାନଙ୍କର । ପାରାଦୀପ ଠାରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ବାଲି ଟିକିରା ରାତିର ଅନ୍ଧାରରେ ଲୁଟ୍ ହେଉଥିବା ଖବର ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ପ୍ରଶାସନର ତତ୍ପରତା ପରେ ଏହା ବନ୍ଦ ହୋଇଯାଇଥିଲା । ଏବେ ପୁଣି ବାଲି ମାଫିଆ ବେଧଡକ ଭାବେ ରାତିର ଅନ୍ଧାରରେ ଲୁଟ କରୁଛନ୍ତି ଲୁଣା ବାଲି । ପାରାଦୀପ ଅଂଚଳରେ ଗଢି ଉଠୁଥିବା ଶିଳ୍ପସଂସ୍ଥାକୁ ଏହି ବାଲି ଚୋରା ଚାଲଣ ହେଉଛି । ପାରାଦୀପ ଉପକଣ୍ଠ ଷଣ୍ଢକୁଦବସ୍ତି ନିକଟରେ ନୁମାଲିଗଡ ରିଫାଇନାରୀ ଲିମିଟେଡ୍ (ଏନ.ଆର୍.ଏଲ୍) କମ୍ପାନୀ ଅଶୋଧିତ ତୈଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ଯାଉଛି । ୨୩୨ ଏକର ପରିମିତ ଏହି ଯାଗାରେ ଲୁଣା ବାଲି ବିଛାଯାଉଛି । ତାହା ପୁଣି ଉପକୂଳରେ ଥିବା ବାଲି ଟିକିରାକୁ ଖୋଳି ବାଲି ମାଫିଆମାନେ ଆଣି ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରେ ପକାଉଛନ୍ତି । ଧର୍ମକୁ ଆଖିଠାର ପରି ଅଳ୍ପ କିଛି ବାଲି ବନ୍ଦର ୫ ନମ୍ବର ଗେଟ୍ ରୁ ନିଆଯାଉଛି । ସର୍ବାଧିକ ବାଲି ଏରସମା ତହସିଲ ଅନ୍ତର୍ଗତ ଯୋଗୀ ସାହି ନିକସ୍ଥ ଅଡମୁହଁ, ଢିଙ୍କିଆ ଓ ବୋସକାଲିସ୍ ପଏଂଟ ନିକଟସ୍ଥ ଅଂଚଳରୁ ବେଆଇନ୍ ଭାବେ ବାଲି ଶହ ଶହ ଟ୍ରିପ୍ ହାଇୱା ମାଧ୍ୟମରେ ଚାଲଣ କରାଯାଉଛି । ପ୍ରକଳ୍ପ ହେବା ପରେ ଜାହାଜ ଯୋଗେ ଅଶୋଧିତ ତେଲ ଆସି ଏହି ତୈଳ ଭଣ୍ଡାରରେ ଗଛିତ ହେବ ଏବଂ ପାଇପ୍ ଲାଇନ୍ ଯୋଗେ ଆସାମର ନୁମାଲିଗଡ ଠାରେ ଥିବା ଏନ.ଆର୍.ଏଲ୍ ତୈଳ ବିଶୋଧନାଗାରକୁ ଯିବ । ଲାଭବାନ ହେବ ଆସାମ କ୍ଷତିଗ୍ରସ୍ତ ହେବାକୁ ଯାଉଛି ଓଡିଶା । ପ୍ରଶାସନର ନିଶ ତଳେ ଏଭଳି ବାଲି ଲୁଟ୍ ଚାଲିଥିବା ବେଳେ ପ୍ରଶାସନ ଏଦିଗରେ ଚୁପ୍ ରହିବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ମଧ୍ୟରେ ଯଦି କେବେ ପ୍ରାକୃତିକ ବିପର୍ଯ୍ୟୟ ଦେଖା ଦିଏ ତେବେ ଏହି ଉପକୂଳବାସୀ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହେବେ । ପୁଣି ଥରେ ୧୯୯୯ ମସିହାର ମହାବାତ୍ୟା ପରର କରୁଣ ଚିତ୍ର ଏ ଅଂଚଳବାସୀ ଦେଖିବେ ବୋଲି ପୂର୍ବାନୁମାନ କରାଯାଉଛି ।

## ବିଜେପି ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ନରଣପୁର:୧୪।୭(ପି.ଏନ): ଭାରତୀୟ ଜନତାପାର୍ଟି ତରଫରୁ କେନ୍ଦୁଝର ଜିଲ୍ଲାରେ ଆଜି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଭାରତୀୟ ଜନତାପାର୍ଟିର ଶତାଧିକ କର୍ମୀ ଯୋଗ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାହୁଳ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଜାତୀୟ କଂଗ୍ରେସର ପ୍ରବକ୍ତା ଅଜୟ କୁମାର ଦେଇଥିବା ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ନାମରେ ଦେଇଥିବା ଆପତ୍ତି ଜନକ ମନ୍ତବ୍ୟର ପ୍ରତିବାଦରେ କେନ୍ଦୁଝର ଭାରତୀୟ ଜନତା ପାର୍ଟି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାହୁଳ ଗାନ୍ଧୀଙ୍କ କୁଶପୁତ୍ତଳିକା ହାହ କରିଥିଲେ । ଏଥିରେ ଭାତୟ ଜନତା ପାର୍ଟି ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ନଗର ସଭାପତି ବିଶ୍ୱଜିତ ତ୍ରିପାଠୀ, କିରଣବାଳା ନାଏକ, ରାଧାକାନ୍ତ ମହାନ୍ତ ପ୍ରମୁଖଙ୍କସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ଗୋଶାଳାରେ ଜନ୍ମଦିନ ପାଳିଲେ ସାମାଜିକ କର୍ମୀ ଚନ୍ଦନ ପଣ୍ଡା



ହାଟଡିହ,(ପିଏନ):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ସାମାଜିକ କର୍ମୀ ଚନ୍ଦନ ପଣ୍ଡା ନିଆରା ଢଙ୍ଗରେ ନିଜନ ଜନ୍ମଦିନ ପାଳନ କରିଛନ୍ତି । ସାମ୍ପ୍ରତିକ ସମୟରେ ଚାକଚକ୍ୟପୂର୍ଣ୍ଣ ଜନ୍ମଦିନ ପାଳନ କରିବା ସତେ ଯେମିତି ଅତ୍ୟାଧୁନିକତାରେ ପରିଣତ ହୋଇଗଲାଣି । ନିଜର ଜନ୍ମଦିନକୁ ସ୍ୱତନ୍ତ୍ର ଓ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଭିନ୍ନ ଭିନ୍ନ ଇଛା ଥାଏ । ଅଧିକାଂଶ ଲୋକ ବଡ ବଡ ଭୋଜନାଳୟ, ରେଷ୍ଟୋରାଁ, ସଂଘ ଓ ମଣ୍ଡପରେ ବନ୍ଧୁବାନ୍ଧବ, ସାଙ୍ଗସାଥୀ ଏବଂ ଆତ୍ମୀୟସ୍ୱଜନଙ୍କୁ ଏକାଠି କରି ଖୁବ୍ ଜାକଜମକରେ ଜନ୍ମଦିନର ଖୁସି ପାଳନ କରୁଥିବା ବେଳେ ପୁଣି କେଉଁଠି ଭୋଜିଭାତ, ନିଶାଦ୍ରବ୍ୟ ସହ ଡିଜେର ତାଳେ ତାଳେ କେକ୍ କାଟି ଧୁମ୍‌ଧାମ୍‌ରେ ମଉଜମସ୍ତି ବି କରୁଛନ୍ତି । ହେଲେ ଏମିତି ହାତଗଣତି କିଛି ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ଏଭଳି ଅତ୍ୟାଧୁନିକତା ଓ ଚାକଚକ୍ୟ ଠାରୁ ଦୂରରେ ରହି ନିଆରା ଓ ନିରାଡମ୍ବର ଭାବେ ନିଜର ଜନ୍ମଦିନ ପାଳନ କରିବାକୁ ପସନ୍ଦ କରିଥାନ୍ତି । ଏମିତି ଜଣେ ଯୁବକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଇଞ୍ଚୋଳ ଗ୍ରାମର ସାମାଜିକ କର୍ମୀ, ଏକାଧାରାରେ ଯୁବ କବି, ସାମ୍ବାଦିକ ତଥା ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ଶ୍ରୀମାନ ଚନ୍ଦନ ପଣ୍ଡା । ସେ ନିଜର ଜନ୍ମଦିନକୁ ଅଭିବନ ଓ ନିରାଡମ୍ବର ଭାବେ ପାଳନ କରିଛନ୍ତି । ଏହି ଅବସରରେ ସେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଅଟଳା ଠାରେ ଥିବା ଇସ୍କନ ଗୋଶାଳାରେ ଥିବା ଗୋ-ମାତା ମାନଙ୍କ ପାଇଁ ଗୋଟିଏ ଦିନର ଖାଦ୍ୟପାନୀୟ, ନଡା ଘାସ ଦେବା ସହ ତାଙ୍କର ୨୭ତମ ଜନ୍ମଦିବସ ପୂର୍ତ୍ତି ଅବସରରେ ଗୋଶାଳା ପରିସରରେ ୨୭ଟି ନିମ୍ବ ଚାରା ରୋପଣ କରିଛନ୍ତି ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ବନ୍ୟପକ୍ଷୀ ମୟୁରକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି । ସୂଚନାଯୋଗ୍ୟ ଯେ ଶ୍ରୀମାନ ପଣ୍ଡା ଅଧୁନା ଭୁବନେଶ୍ୱରରେ ଏକ ଘରୋଇ ବୈଦ୍ୟୁତିକ ଗଣମାଧ୍ୟମରେ ସାମ୍ବାଦିକ ଭାବେ କାର୍ଯ୍ୟରତ ଅଛନ୍ତି । ଗାଁ ରେ ପରିବେଶ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ

## ସାଇଁକୁଳ ଗ୍ରାମରେ ଗୁଳିକାଣ୍ଡ, ଜଣେ ମୃତ ଜଣେ ଗୁରୁତର

ଆନନ୍ଦପୁର:୧୪/୭(ଆ.ପ୍ର.): ଘଷିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ଗ୍ରାମରେ ରାଜନୈତିକ କାରଣରୁ ଗୁଳିକାଣ୍ଡ ଘଟି ଜଣକର ମୃତ୍ୟୁ ହୋଥିବା ବେଳେ ଅନ୍ୟଜଣେ ଗରୁତର ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ଏକ ରାଜନୈତିକ ଦଳର କର୍ମୀ ଅଭିମନ୍ୟୁ ସେଠୀଙ୍କୁ ସେହି ଅଂଚଳର ଅନ୍ୟ ଏକ ରାଜନୈତିକ ଗୋଷ୍ଠୀର କର୍ମୀମାନେ ଅତର୍କିତ ଭାବେ ହାଣିବା ପରେ ଗୁଳି କରି ହତ୍ୟା କରିଥିବା ଜଣାପଡିଛି । ଅଭିମନ୍ୟୁଙ୍କୁ ଚିକିତ୍ସା ପାଇଁ ସାଇଁକୁଳ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣେ ଗୁରୁତରଙ୍କୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ଜଣେ ଶିକ୍ଷକରେ ଚାଲିଛି ହର୍ଷପୁର ପ୍ରାଥମିକ ବିଦ୍ୟାଳୟ

କେନ୍ଦୁଝର,(ପି.ଏନ):ସରକାର ୫-ଟି ଯୋଜନାରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କେବଳ ଛାତ୍ରଛାତ୍ରୀ ମାନଙ୍କୁ ଘରୋଇ ସ୍କୁଲ ଛାଡି ସରକାରୀ ସ୍କୁଲ ଆଭିମୁଖୀ କରିବା ପାଇଁ । କିନ୍ତୁ ସ୍କୁଲରେ ଶିକ୍ଷକ ନିଯୁକ୍ତିକୁ ଭୁଲି ଯାଉଛନ୍ତି । ଯାହା ଫଳରେ ସରକାରୀ ବିଦ୍ୟାଳୟରେ ଶିକ୍ଷାର ମାନ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ୫ଟି ଶ୍ରେଣୀରେ ଜଣେ କିମ୍ବା ଦୁଇଜଣ ଶିକ୍ଷକ ଥିବାରୁ ଗୋଟିଏ ଶ୍ରେଣୀରେ ଏକାଧିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା ପାଇଁ ବାଧ ହେଉଛନ୍ତି ଶିକ୍ଷକ ଶିକ୍ଷୟତ୍ରୀ । ଯାହା ଫଳରେ ଶିକ୍ଷାଦାନରେ ଘୋର ଅସୁବିଧା ହେଉଥିବା ବେଳେ ଛାତ୍ରଛାତ୍ରୀ ଭଲ ଭାବରେ ପାଠ ପଢିପାରୁନାହାଁନ୍ତି । ଯାହାଦ୍ୱାରା ସରକାରୀ ସ୍କୁଲର ଛାତ୍ରଛାତ୍ରୀ ପରୀକ୍ଷା ମାନଙ୍କରେ ଆଖିଦୃଶିଆ ସଫଳତା ପାଇପାରୁ ନାହାଁନ୍ତି । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ହର୍ଷପୁର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ । ୧୯୬୨ରୁ ସ୍ଥାପିତ ଏହି ସ୍କୁଲରେ ପାଞ୍ଚଟି ଶ୍ରେଣୀରେ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଥିବା ବେଳେ ୨ଜଣ ଶିକ୍ଷୟତ୍ରୀଙ୍କୁ ନେଇ ଚାଲିଛି ସ୍କୁଲଟି । ତା'ମଧ୍ୟରୁ ଜଣେ ଶିକ୍ଷୟତ୍ରୀ ପାରିପାରିକ କାରଣରୁ ୧୦ ଦିନରୁ ଉର୍ଦ୍ଧ୍ୱ ହେଲା ଛୁଟିରେ ଥିବାରୁ ଜଣେ ଶିକ୍ଷୟତ୍ରୀରେ ଚାଲିଛି ସ୍କୁଲ । ତେଣୁ ଯାହା ପାଠପଢା ହେଉଥିବ ତାହା ଈଶ୍ୱରଙ୍କୁ ଜଣା । ଏହି ବିଷୟରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ ଏକାଧିକ ବ୍ଲକ ଦାୟୀତ୍ୱରେ ଥିବାରୁ ଏହା ବିଷୟରେ ଅବଗତ ନଥିବା କହିଥିଲେ ଓ ଶୀଘ୍ର ଏହାର ସମାଧାନ କରାଯିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ସିଆରସିସି ଶୀଘ୍ର ଡେପୁଟେସନ୍‌ରେ ଶିକ୍ଷକ ପଠାଇବେ ବୋଲି କହିଛନ୍ତି । ଦିନ ଥିଲା ଏହି ସ୍କୁଲ ବ୍ଲକର ଆଦର୍ଶ ସ୍କୁଲ ଭାବେ ପରିଗଣିତ ହେଉଥିବା ବେଳେ ଆଜି କର୍ପୁର ଉଡି ଯାଇଥିବା କନା ପାଲଟି ଯାଇଛି । ଏ ନେଇ ଏହି ଅଂଚଳର ୱାର୍ଡମେମ୍ବର, ସଂଗ୍ରାମ କେଶରୀ ମିଶ୍ର, ପାର୍ଥ ସାହୁ, ସୁଶାନ୍ତ ସାହୁ, ଗାଡୁ ନାଏକ, ରାଜେନ୍ଦ୍ର ସାହୁ, ଲୋକନାଥ ମିଶ୍ର ପ୍ରମୁଖ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଜଣାଇଥିବା ବେଳେ ତୁରନ୍ତ ଏହାର ସମାଧନ ନହେଲେ ବାଧ ହୋଇ ଗ୍ରାମବାସୀ ଚରମ ପନ୍ଥା ଅବଲମ୍ବନ କରିବେ ବୋଲି ଆଲୋଚନା ଜୋର ଧରିଛି ।

# କେନ୍ଦୁଝରଗଡ ପୌରପାଳିକାରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ



କେନ୍ଦୁଝର,(ପି.ଏନ): କେନ୍ଦୁଝରଗଡ ପୌରପାଳିକାରେ ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଆଜି ଆରମ୍ଭ ହୋଇଛି । ଫଳରେ ପୌରାଞ୍ଚଳରରେ ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଶତାଧିକ ସଫେଇ କର୍ମଚାରୀ ପୌରପାଳିକା ଅଫିସ ସମ୍ମୁଖରେ ଆନ୍ଦୋଳନ କୁ ଓହ୍ଲାଇ ଅଫିସ ଘେରାଉ କରିଛନ୍ତି । ତାଙ୍କ ଦାବୀ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଜାରୀ ରହିବ ବୋଲି ସେମାନେ କହିଛନ୍ତି । ପ୍ରକାଶ ଯେ, କେନ୍ଦୁଝରଗଡ ପୌରାଞ୍ଚଳରେ ସଫେଇ କାର୍ଯ୍ୟ ଦୀର୍ଘ ବର୍ଷ ହେଲା ସୁରୁଖୁରୁରେ ଚାଲି ଆସୁଥିଲା । ଏଥିରେ ସ୍ଥାନୀୟ ଠିକାଦାର ତଥା ସଫେଇ କର୍ମଚାରୀମାନେ ଉପକୃତ ହେବା ସହ ସଫେଇ କାର୍ଯ୍ୟ ସୁଚାରୁରୂପେ ଚାଲି ଆସୁଥିଲା । ପରବର୍ତ୍ତୀ ସମୟରେ ସଫେଇ ଠିକାକାମ ବାହାର ଠିକା ସଂସ୍ଥା ହାତକୁ ଚାଲି ଯିବା ପରେ ସମସ୍ୟା ଆରମ୍ଭ ହୋଇଛି । ଏକ ପକ୍ଷରେ ସ୍ଥାନୀୟ ଠିକାଦାରଙ୍କୁ କାମ ନ ଦେବା ପାଇଁ ଚୟନ ପ୍ରକ୍ରୀୟାରେ ବାହାର ଠିକାଦାରଙ୍କୁ ସୁହାଇଲା ଭଳି ଟେଣ୍ଡର କରାଯାଇଥିବା ଅଭିଯୋଗ ହୋଇ ଆସୁଛି । ପୂର୍ବରୁ କାମ କରୁଥିବା ସଫେଇ କର୍ମଚାରୀଙ୍କ ସଠିକ୍ କାର୍ଯ୍ୟ ସର୍ତ୍ତାବଳୀ ପ୍ରସ୍ତୁତ ନ କରି କମ ସଫେଇ କର୍ମଚାରୀଙ୍କୁ କାମରେ ନିୟୋଜିତ କରିବାକୁ କୁହାଯିବା ଏବଂ ଏବେ ଅନେକଙ୍କୁ ବାହାର କରି ଦେବାକୁ ଉଦ୍ୟମ ହେଉଥିବାରୁ ସଫେଇ କର୍ମଚାରୀମାନେ ଏକଜୁଟ ହୋଇ ପ୍ରତିବାଦ କରୁଛନ୍ତି । ଦୀର୍ଘ ୨୫/୩୦ ବର୍ଷ ଧରି ସଫେଇ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିବା ସଫେଇ କର୍ମଚାରୀମାନେ ଏବେ କାମ ହରାଇବା ଆଶଙ୍କା କରି ପ୍ରତିବାଦ କରି ଆସୁଛନ୍ତି ବୋଲି ଲକ୍ଷ୍ମି କାରୁଆ କହିଛନ୍ତି । ପୌରାଞ୍ଚଳରେ ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଦୋକାନ ବଜାର ବଢୁଥିବାରୁ ସଫେଇ ପାଇଁ ଅଧିକ କର୍ମଚାରରଙ୍କ ଆବଶ୍ୟକତା ଥିବାବେଳେ କାହିଁକି ସଂଖ୍ୟା କମାଯାଉଛି ବୋଲି ମାଳତୀ ମୁଖୀ ସମେତ ସ୍ୱର୍ଣ୍ଣଲତା ମୁଖୀ,ରାଧା କାରୁଆ,ସନ୍ତୋଷ ମୁଖୀ ଅନ୍ୟମାନେ ପ୍ରଶ୍ନ କରିଛନ୍ତି । ପୌରପାଳିକାର କେତେକ ସ୍ଥାନୀୟ ନ୍ୟସ୍ତସ୍ୱାର୍ଥ ଅଧିକାରୀ ସ୍ଥାନୀୟ ସଫେଇ କର୍ମଚାରୀଙ୍କୁ ସମର୍ଥନ କରିବା ବଦଳରେ କେଉଁ ସ୍ୱାର୍ଥରେ ନୂତନ ଭାବେ କାମ ପାଇଥିବା ଠିକା ସଂସ୍ଥା ସମର୍ଥନରେ ବାହାରି ଛଟେଇ କରିବାକୁ ପ୍ରଚେଷ୍ଟା କରୁଛନ୍ତି ତାହାକୁ ସେମାନେ ପ୍ରତିବାଦ କରିଛନ୍ତି । ବହୁ ବର୍ଷ ଧରି କେନ୍ଦୁଝରଗଡ ପୌରପାଳିକାରେ କାମ କରୁଥିବା ସଫେଇ କର୍ମଚାରୀ କାମଧନ୍ଦା ହରାଇଲେ ପରିବାର ପ୍ରତିପୋଷଣ କିପରି କରିବେ ବୋଲି ପ୍ରଶ୍ନ କରିଛନ୍ତି । କେନ୍ଦୁଝର ସହରରେ ସଫେଇ କାର୍ଯ୍ୟ ଠପ୍ ହୋଇ ଯାଇଥିବାରୁ ସହରରେ ମଇଳା ଆବର୍ଜନା ଏବେ ତେଣେ ପଡି ରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି । ସଫେଇ କର୍ମଚାରୀମାନେ ଅଫିସ ସମ୍ମୁଖରେ ଏହାର ପ୍ରତିବାଦ ସହ ଅଳିଆ ଆବର୍ଜନାପୂର୍ଣ୍ଣ ଟ୍ରାକ୍ଟରକୁ ଆଣି କେନ୍ଦୁଝରଗଡ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ରଖିଛନ୍ତି । ପୋଲିସ ଉପସ୍ଥିତିରେ ପୌର କାର୍ଯ୍ୟାଳୟରେ ଆଲୋଚନା ଚାଲିଥିବା ବେଳେ କୌଣସି ପ୍ରକାର ନିର୍ଯ୍ୟାସ ବାହାରି ପାରିନାହିଁ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray